

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 SEPTEMBER 2021

Vol.No. 32 ■ No. 247 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଦିଲ୍ଲୀ ରୋହିଣୀ କୋର୍ଟ ଗୁଳିକାଣ୍ଡକୁ ନେଇ ଉତ୍ତେଜନା

ନୂଆଦିଲ୍ଲୀ,୨୫/୦୯: ଦିଲ୍ଲୀ ରୋହିଣୀ କୋର୍ଟରେ ଗୁଳିକାଣ୍ଡକୁ ନେଇ ଉତ୍ତେଜନା ବଢିବାରେ ଲାଗିଛି । କୋର୍ଟର ସୁରକ୍ଷା ବ୍ୟବସ୍ଥାକୁ ନେଇ ଦିଲ୍ଲୀ ବାର୍ ଆସୋସିଏସନ୍ ପକ୍ଷରୁ କଡା ନିନ୍ଦା କରାଯାଉଛି । ଫଳରେ ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି । କ୍ରାଇମବ୍ରାଞ୍ଚ ଘଟଣାରେ ତଦନ୍ତ ଆରମ୍ଭ କରି ରୋହିଣୀ କୋର୍ଟରେ ପହଁଚିଛି । ସେପଟେ ଦିଲ୍ଲୀ ଜିଲ୍ଲା ଅଦାଲତର ଓକିଲ ମାନେ ଧାରଣା ଦେବା ସହ କୋର୍ଟର କୌଣସି ପ୍ରକାରର କାମରେ ସାମିଲ ହୋଇ ନାହାଁନ୍ତି । ବିଭିନ୍ନ କୋର୍ଟ ଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡା କଡି କରାଯାଇଛି । ଦିଲ୍ଲୀ ତିସ ହଜାରି କୋର୍ଟରେ ପ୍ରବେଶ ସମୟରେ ମେଟାଲ ଡିଟେକ୍ଟରରେ ଚେକିଙ୍ଗ କରାଯିବା ସହ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି । ଶୁକ୍ରବାର କୁଖ୍ୟାତ ଅପରାଧି ଜିତେନ୍ଦ୍ର ଓରଫ ଗୋଗିକୁ ଶୁଣାଣି ଥିବାରୁ ତାକୁ କୋର୍ଟ ଅଣାଯାଇଥିଲା । ଦ୍ୱିପହର ପ୍ରାୟ ୧.୩୦ ସମୟେରେ ଜଜଙ୍କ ଉପସ୍ଥିତରେ ମାମଲାର ଶୁଣାଣି ଚାଲିଥିଲା । ଠିକ ସେହି ସମୟରେ ୨ ଜଣ ପେସାଦାର ଅପରାଧୀ ଓକିଲ ବେଶରେ କୋର୍ଟରେ ପ୍ରବେଶ କରିଥିଲେ । କେହି କିଛି ବୁଝିବା ପୂର୍ବରୁ ଆଖିବୁଜା ଗୁଳିଚାଳନା କରିଥିଲେ । ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ୪୫ ରୁ ୫୦ ରାଉଣ୍ଡ ଗୁଳି ଫୁଟିଥିଲା । ଏଥିରେ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟାର ଜିତେନ୍ଦ୍ରର ମୃତ୍ୟୁ ହେବା ସହ ଗୁଳିକାଣ୍ଡ ଭିଆଇଥିବା ୨ ଅପରାଧୀ ମଧ୍ୟ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ । ଦିଲ୍ଲୀ ରୋହିଣୀ କୋର୍ଟରେ ଏଭଳି ଘଟଣା ଘଟିବା କିଛି ନୂଆ କଥା ନୁହେଁ । ୨୦୧୭ ମସିହାରେ ଗ୍ୟାଙ୍ଗୱାରରେ ଆଉ ଜଣେ ଗ୍ୟାଙ୍ଗଷ୍ଟାର ରାଜେଶର ହତ୍ୟା ମଧ୍ୟ କୋର୍ଟ ପରିସରରେ କରାଯାଇଥିଲା । ତେବେ ଦେଖିବାକୁ ବାକି ରହିଲା ସରକାର ଏ ଦିଗରେ କେତେ ଶୀଘ୍ର ପଦକ୍ଷେପ ନେଉଛନ୍ତି ।

ବାତ୍ୟା 'ଗୁଲାବ' ନେଇ ସରକାରଙ୍କ ପ୍ରସ୍ତୁତି ଆରମ୍ଭ

ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହୋଇପାରେ ଓଡିଶାର ୭ ଜିଲ୍ଲା

ଭୁବନେଶ୍ୱର,୨୫/୦୯ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଗୁଲାବ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରା ଯାଇଥିବା ରାଜ୍ୟ ସରକାର ଏହାର ମୁକାବିଲା ନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏନେଇ କହିଛନ୍ତି ଯେ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାର ସାମାନ୍ୟ ପ୍ରଭାବ ପଡିପାରେ । ଏନେଇ ସରକାର ସଜାଗ ଏବଂ ସଚେତନ ରହିଛନ୍ତି । ବାତ୍ୟା ପ୍ରଭାବରେ ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ହୋଇପାରେ, ତଳିଆ ଅଂଚଳରେ ପାଣି ଜମିପାରେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ବାତ୍ୟାରେ ରାଜ୍ୟର ସାତଟି ଜିଲ୍ଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ନୟାଗଡ଼ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ସମସ୍ତ ଜିଲ୍ଲାରେ ଆଗୁଆ ସତର୍କତା କରାଯାଇଛି । ବାତ୍ୟାକୁ ଆଖି ଆଗରେ ରଖି ଏସଆରସି ୭ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକ କରିଛନ୍ତି ଏସଆରସି । ଜିଲ୍ଲାପାଳମାନଙ୍କୁ ମଧ୍ୟ ସଜାଗ ରହିବା ପାଇଁ କୁହାଯାଇଛି । ଏହି ସମସ୍ତ ଜିଲ୍ଲାକୁ ୪୨ ଓଡ୍ରାଫ, ୨୪ ଏନଡିଆରଏଫ ଟିମ ପଠାଯିବା ପାଇଁ ବ୍ୟବସ୍ଥା ହୋଇଥିବା ସୂଚନା ପ୍ରଦାନ କରିଛନ୍ତି ଏସଆରସି । ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ମଧ୍ୟ କହିଛନ୍ତି ପ୍ରଦୀପ ଜେନା । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବର୍ତମାନ ବାତ୍ୟା ସ୍ଥଳଭାଗ ମୁହାଁ ହୋଇଛି । ଉତର-ପୂର୍ବ ଏବଂ ପୂର୍ବ- କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଗଭୀର ଅବପାତର ରୂପ ନେଇଛି । ବର୍ତମାନ ଏହା ପଶ୍ଚିମ- ଉତର- ପଶ୍ଚିମ ଦିଗରେ ଗତି କରୁଛି । ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ୧୨ କିଲୋମିଟର ବେଗରେ ଗତିକରୁଛି ବାତ୍ୟା ଗୁଲାବ । ଗୋପାଳପୁର ଠାରୁ ୫୧୦ କିଲୋମିଟର ଦକ୍ଷିଣ- ପୂର୍ବରେ ରହିଛି । କଳିଙ୍ଗପାଟନମ୍ ଠାରୁ ୫୯୦ କିଲୋମିଟର ପୂର୍ବରେ ରହିଛି । ▶▶ପୃଷ୍ଠା ୭

ହ୍ୱାଇଟହାଉସରେ ମୋଦୀ-ବାଇଡେନ ଭେଟ

ନୂଆଦିଲ୍ଲୀ,୨୫/୦୯: ଆମେରିକାର ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଆଲୋଚନା କରିଛନ୍ତି ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । କ୍ୱାଡ ଶିଖର ସମ୍ମିଳନୀ ଆଗରୁ ଭାରତୀୟ ସମୟ ଶୁକ୍ରବାର ରାତିରେ ବାଇଡେନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ ମୋଦୀ । ଶୁକ୍ରବାର ରାତିରେ ହ୍ୱାଇଟହାଉସରେ ପହଁଚିଥିଲା ପ୍ରଧାନମନ୍ତ୍ରୀଙ୍କୁ ନେଇ ଆସିଥିବା ଗାଡି । ଆଉ ଗାଡିରୁ ମୋଦୀଙ୍କୁ ସମ୍ମାନର ସହିତ ପାଛୋଟି ନେଇଥିଲେ ହ୍ୱାଇଟ ହାଉସର ଅଧିକାରୀ । ହ୍ୱାଇଟ ହାଉସରେ ପ୍ରଧାନମନ୍ତ୍ରୀ ମୋଦୀ ପହଁଚିବା ପରେ ପରେ ଆମେରିକା ରାଷ୍ଟ୍ରପତି ତାଙ୍କୁ ସ୍ୱାଗତ କରିଥିଲେ । ଯେପରି ଦୀର୍ଘ ଦିନର ବନ୍ଧୁଙ୍କୁ ଦେଖିବା ପରେ ଜଣେ କୋଳେଇ ନେବାକୁ ଆଗଭର ହୋଇଥାଏ, ଠିକ୍ ସେହିପରି ରହିଥିଲା ହ୍ୱାଇଟହାଉସରେ ମୋଦୀ-ବାଇଡେନ ଭେଟର ଚିତ୍ର । ଏହା ପରେ ପରେ ଦୁଇ ନେତା ପ୍ରାୟ ୫୭ ମିନିଟ ଧରି ଆଲୋଚନା କରିଥିଲେ । ଆଲୋଚନା ସମୟରେ ମୋଦୀ କହିଛନ୍ତି ଚଳିତ ଦଶକ ଦୁଇ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ପୂର୍ବଠାରୁ ▶▶ପୃଷ୍ଠା ୭

ପଂଚତତ୍ତ୍ୱରେ ବିଲୀନ ହେଲେ ଯୁବ ସାମ୍ବାଦିକ ଅରିନ୍ଦମ ଦାସ

କେନ୍ଦୁଝର,୨୫/୦୯ (ନି.ପ୍ର): ମୁଣ୍ଡଳୀ ବ୍ୟାରେଜ ନିକଟରେ ହାତୀକୁ ଉଦ୍ଧାର କରିବାକୁ ଗତକାଲି ଯାଇ ଡଙ୍ଗା ବୁଡିବା ଘଟଣାରେ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ଅରିନ୍ଦମ ଦାସ ଆଜି ପଂଚତତ୍ତ୍ୱରେ ବିଲୀନ ହୋଇଛନ୍ତି। ଅରିନ୍ଦମଙ୍କ ପାର୍ଥିବ ଶରୀର ତାଙ୍କ ପୈତୃକ ଗାଁ କେନ୍ଦୁଝର ଜିଲ୍ଲା ରାଜନଗର ପଂଚାୟତର ରାଇକଳାରେ ପହଂଚିଥିଲା। ଏହାପରେ ଏକ ଶୋଭାଯାତ୍ରାରେ ଅରିନ୍ଦମଙ୍କ ପାର୍ଥିବ ଶରୀରକୁ ଶ୍ମଶାନ ଅଭିମୁଖେ ନିଆଯାଇଥିଲା। ତାପରେ ସେଠାରେ ଶୋକାକୁଳ ପରିବେଶରେ ବୈତରଣୀ ନଦୀ କୂଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

୪ ଜଣଙ୍କୁ ମାରି ସର୍ବସମ୍ମୁଖରେ ଟାଙ୍ଗିଲା ତାଲିବାନ

ନୂଆଦିଲ୍ଲୀ,୨୫/୦୯: ତାଲିବାନ କ୍ଷମତାକୁ ଆସିବା ପରେ ଆଫଗାନିସ୍ତାନର ସ୍ଥିତି ସଙ୍ଗୀନ ହୋଇ ଉଠିଛି । ଆଫଗାନିସ୍ତାନରେ ସରିଆ ଆଇନ ଅନୁଯାୟୀ ଲୋକଙ୍କୁ କଠୋର ଦଣ୍ଡ ଦେଉଛି ତାଲିବାନ । ଆଉ ଏହାର ପ୍ରଥମ ଝଲକ ଏବେ ସାମ୍ନାକୁ ଆସିଛି । ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ମାରି ସର୍ବସାଧାରଣ ସ୍ଥାନରେ କ୍ରେନରେ ଝୁଲାଇ ଦେଇଛି ତାଲିବାନ । ଆଉ ଏହାର ଭିଡ଼ିଓ ଏବେ ସାମ୍ନାକୁ ଆସିଛି । ଆଫଗାନିସ୍ତାନର ଜଣେ ସାମ୍ବାଦିକ ଏହି ଭିଡ଼ିଓ ସେୟାର କରିବା ସହ ଲେଖିଛନ୍ତି, ତାଲିବାନ ଏବେ ସର୍ବସାଧାରଣରେ ମୃତ୍ୟୁଦଣ୍ଡ ଦେବା ଆରମ୍ଭ କରିଛି । ଆଫଗାନିସ୍ତାନରେ ତାଲିବାନ କ୍ଷମତାକୁ ଆସିବା ପରେ ଲୋକଙ୍କୁ ଉପରେ ଅତ୍ୟାଚାର ଆରମ୍ଭ କରିଛି । ଏପରିକି ତାଲିବାନ ବିରୋଧରେ ସ୍ୱର ଉଠାଉଥିବା ଲୋକଙ୍କୁ ମାରି ସେମାନଙ୍କ ମୃତଦେହକୁ ସହରର ଛକ ମଝିରେ ଝୁଲାଇ ଦେଉଛି । ତେବେ ତାଲିବାନ ପକ୍ଷରୁ କୁହାଯାଇଛି, ମୃତକ ୪ ଜଣ ଅପହରଣ କରିଥିଲେ । ଯାହାଙ୍କୁ ପୋଲିସ ମାରିବା ପରେ ଏମାନଙ୍କ ମୃତଦେହକୁ ତାଲିବାନ ଛକ ମଝିରେ ଝୁଲାଇବାକୁ ଆଣିଥିଲା । ଏହାପୂର୍ବରୁ ତାଲିବାନ ପକ୍ଷରୁ କୁହାଯାଇଥିଲା ଯେ, ତାଲିବାନ ଶାସନରେ ବିଭିନ୍ନ ଅପରାଧ ପାଇଁ ଅପରାଧୀଙ୍କ ହାତ କାଟିବା ଓ ଫାଶୀ ଦଣ୍ଡ ଦେବା ବନ୍ଦ ହେବ ନାହିଁ । କେବଳ ଏତିକିରେ ସରିନି ଆଫଗାନବାସୀଙ୍କ ଦୁର୍ଦ୍ଦଶା । ଗୋଟିଏ ପଟେ ତାଲିବାନର କ୍ରୁର ଶାସନ ଓ ଅନ୍ୟପଟେ ରୋଜଗାରର ପନ୍ଥା ପୂରା ବନ୍ଦ । ଏଭଳିସ୍ଥଳେ ସାଧାରଣ ଲୋକଙ୍କ ଅବସ୍ଥା ଅତି ସଙ୍ଗୀନ ହୋଇପଡିଛି । କାମ ଧନ୍ଦା ବନ୍ଦ ଯୋଗୁଁ ଏବେ ଲୋକେ ଦି ଓଳି ଖାଇବା ପାଇଁ ସଂଘର୍ଷ କରୁଛନ୍ତି । ଏଭଳିସ୍ଥିତିରେ ଗରିବ ଲୋକ ନିଜ ପିଲାଙ୍କୁ ବିକିବାକୁ ପଛାଉନାହାନ୍ତି । ଯାହାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି ।

ଓଡ୍ରାଫ କର୍ମଚାରୀଙ୍କ ମୃତଦେହ ମିଳିଲା

ଭୁବନେଶ୍ୱର,୨୫/୦୯ (ନି.ପ୍ର): ମହାନଦୀକୁ ହାତୀ ଉଦ୍ଧାର କରିବାକୁ ଯାଇ ବୋଟ ବୁଡିବା ଘଟଣାରେ ନିଖୋଜ ଥିବା ଓଡ୍ରାଫ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହୋଇଛି । ସ୍ୱତନ୍ତ୍ର ରିଲିଫ କମିଶନର ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଏହା ପୂର୍ବରୁ ଏସଆରସି ସକାଳେ ଧବଳେଶ୍ୱର ଠାରୁ ମୃତ ଦେହ ମିଳିଲା ବୋଲି ସୂଚନା ଦେଇଥିଲେ । ମାତ୍ର ପରବର୍ତୀ ସମୟରେ ତାଙ୍କର ସୂଚନା ଭୁଲ ବୋଲି ନିଜେ ଟ୍ୱିଟରରେ ସ୍ୱୀକାର କରିଥିଲେ । ଉଲ୍ଲେଖନୀୟ ଯେ ଗତକାଲି ମହାନଦୀରେ ଫସିଥିବା ଦନ୍ତା ହାତୀକୁ ଉଦ୍ଧାର କରିବା ପାଇଁ ଏକ ରବର ବୋଟରେ ଓଡ୍ରାଫ କର୍ମଚାରୀଙ୍କ ସହ ଦୁଇଜଣ ଗଣମାଧ୍ୟମ ପ୍ରତିନିଧି ଯାଇଥିଲେ ।

ରାଜ୍ୟ ଟ୍ରକ ମାଲିକ ସଙ୍ଘର ଆନ୍ଦୋଳନ ପାଇଁ ପ୍ରସ୍ତୁତି

କୋରେଇ,୨୫/୦୯ (ନି.ପ୍ର): ରାଜ୍ୟ ଟ୍ରକ ମାଲିକ ସଙ୍ଘର କାର୍ଯ୍ୟକର୍ତା ବୈଠକ ବା ପ୍ରସ୍ତୁତି ବୈଠକ ପାଣିକୋଇଲି ମା ତାରିଣୀ ଟ୍ରକ ମାଲିକ ସଙ୍ଘ ଆନୁକୂଲ୍ୟରେ ପାଣିକୋଇଲି କଲ୍ୟାଣ ମଣ୍ଡପ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ନିତୀକୁ ବିରୋଧ କରି ପାତରଅନ୍ତର ନିତୀକୁ ନିନ୍ଦା କରାଯିବା ସହ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ରାଜ୍ୟ ସରକାର କରିଥିବା ନିୟମ ସାରା ଓଡିଶାର ଗୋଟିଏ ଭଡା ଓ ଫାଷ୍ଟ କମ ଫାଷ୍ଟ ଲୋଡକୁ ବେଖାତିରି କରାଯାଉଛି । କିଛି ମୁଷ୍ଟିମେୟ ଲୋକ ରାଜ୍ୟ ସରକାରଙ୍କ ନିଷ୍ପତିର ଧଜ୍ଜିଆ ଉଡାଇଛନ୍ତି । ପାତରଅନ୍ତର ନିତୀ କରାଯାଇ କେଉଁଝର ଜିଲ୍ଲା ଗାଡିକୁ ଛାଡି ଅନ୍ୟ ଜିଲ୍ଲାର ଗାଡିକୁ ଅଧା ଭଡାରେ ଲୋଡ କରାଯାଉଛି । ଯାହା ଫଳରେ ସରକାରଙ୍କ ନିତୀକୁ ବେଖାତିରି କରାଯାଉଥିବାରୁ ସାରା ରାଜ୍ୟରେ ଟ୍ରକ ମାଲିକଙ୍କ ମଧ୍ୟରେ ▶▶ପୃଷ୍ଠା ୭

ପିପିଲିରେ କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ ନିର୍ବାଚନୀ ପ୍ରଚାର

ପିପିଲି,୨୫/୦୯ (ନି.ପ୍ର): ଓଡ଼ିଆ ସଂସ୍କୃତିର ମୁଖଶାଳା ତଥା କୃଷି ପ୍ରଧାନ ଅଂଚଳ ପିପିଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ପିଏମ ଆବାସ ଯୋଜନାରେ ଘର ସମେତ ଅଂଚଳର ବିକାଶମୂଳକ କାର୍ଯ୍ୟ ପାଇଁ ବିପୁଳ ଅର୍ଥ ଯୋଗାଇବା ସତ୍ତ୍ୱେ ଦଳୀୟ ପଶାପାଲିରେ ଶାସକ ଦଳ ଦ୍ୱାରା ଏହି ଅର୍ଥକୁ ବାଟମାରଣା କରାଯାଇଛି। ପିପିଲିବାସୀ ଭୋଟ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଏହି ବାଟମାରଣା ଅର୍ଥର ସଠିକ୍ ଜବାବ୍ ଦେବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପ୍ରଜାତନ୍ତ୍ରରେ ସରକାରୀ କଳ ଏବଂ ବଳ ଠାରୁ ଜନ ବଳ ସବୁଠୁ ଉର୍ଦ୍ଧ୍ୱରେ ସେ କହିଛନ୍ତି । ଶନିବାର ପିପିଲି ନିର୍ବାଚନ ମଣ୍ଡଳିର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସମର୍ଥନରେ ପ୍ରଚାର କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ଗତ ଦୁଇ ବର୍ଷ ତଳେ ▶▶ପୃଷ୍ଠା ୭

୨୭ ତାରିଖ ଭାରତ ବନ୍ଦକୁ କଂଗ୍ରେସ ସମର୍ଥନ କରିବ

ଭୁବନେଶ୍ୱର,୨୫/୦୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ତିନିଗୋଟି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚା ପକ୍ଷରୁ ଆସନ୍ତା ୨୭ ତାରିଖ ଦିନ ଭାରତ ବନ୍ଦ ହେବାକୁ ଯାଉଛି। ଭାରତୀୟ ଜାତୀୟ କଂଗ୍ରେସ ଏହି ବନ୍ଦକୁ ସମର୍ଥନ କରିବାପାଇଁ ନିଷ୍ପତି ନେଇଛି। କଂଗ୍ରେସ ଦଳ ସର୍ବଦା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଆସିଛି। ଏଣୁ ୨୭ ତାରିଖ ଦିନ ଭାରତ ବନ୍ଦକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଏହି ମର୍ମରେ ଜିଲ୍ଲାସ୍ତରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବନ୍ଦ କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାପାଇଁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଜିଲ୍ଲା ସଭାପତି ମାନଙ୍କ ପତ୍ର ଲେଖିଛନ୍ତି।

ଡିଆରଡିଓ ତଥ୍ୟ ଲିକ୍ ମାମଲା : ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର

ବାଲେଶ୍ୱର,୨୫/୦୯(ନି.ପ୍ର): ଡିଆରଡିଓ ତଥ୍ୟ ଲିକ୍ ମାମଲାରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ୭ ଦିନିଆ ରିମାଣ୍ଡ ଶେଷ ହେବା ପରେ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଛି । ଏହାସହ ଆବଶ୍ୟକ ପଡିଲେ ପୁଣି ସେମାନଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି । ତେବେ ରିମାଣ୍ଡରେ ପଚରାଉଚରା ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଯୁବତୀ ଜଣକ ସୋସିଆଲ ମିଡ଼ିଆରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ । ବିଭିନ୍ନ ନାଁରେ ପ୍ରାୟ ୭ଟି ଆକାଉଣ୍ଟ ଖୋଲି ଅଭିଯୁକ୍ତଙ୍କ ସହ କଥା ହେଉଥିଲେ । ସମସ୍ତ ଆକାଉଣ୍ଟରେ ଭିନ୍ନ ଫଟୋ ଓ ପରିଚୟ ଦେଇଥିଲେ ଯୁବତୀ । ଯାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ । ୫ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଅଭିଯୁକ୍ତଙ୍କ ସହ ଭିଡ଼ିଓରେ କଥା ହେଉଥିଲେ ଯୁବତୀ । ଦୁଇ ଜଣଙ୍କୁ ବିବାହ ପ୍ରସ୍ତାବ ଦେଇଥିବା ବେଳେ ଜଣଙ୍କୁ ଚାନ୍ଦିପୁର ସ୍ଥିତ ଘରକୁ ଆସିବାକୁ କହିଥିଲେ । ଏହାବାଦ୍ ଯୁକେ ନମ୍ବର ଓ ମହିଳାଙ୍କର ପ୍ରକୃତ ପରିଚୟ କଣ ଏବଂ ସେ କେଉଁଠି ଅବସ୍ଥାନ କରୁଛନ୍ତି ତାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ । ସେହିଭଳି ଦୁବାଇରୁ ଯେଉଁ ଆକାଉଣ୍ଟରୁ ଟଙ୍କା ଆସିଥିଲା ତାହାର ତଦନ୍ତ ଚାଲିଥିବା ବେଳେ କେଉଁ ମାଧ୍ୟମରୁ ଟଙ୍କା ଆସିଛି ତାହାର ଖୋଳତାଡ କ୍ରାଇମବ୍ରାଞ୍ଚ କରୁଥିବା କହିଛନ୍ତି ସଞ୍ଜୀବ । ଅନ୍ୟପଟେ ରହସ୍ୟମୟୀ ଯୁବତୀଙ୍କୁ କ୍ଷେପଣାସ୍ତ୍ର ସମ୍ପର୍କୀୟ ଅନେକ କିଛି ସୂଚନା ଦିଆଯାଇଥିବା ଜଣାପଡିଛି । ଚାନ୍ଦିପୁର ଆଇଟିଆର ନିର୍ଦ୍ଦେଶକଙ୍କ ଗାଡି ଡ୍ରାଇଭର ସଚିନ୍ ଛେଟା ଏହି ସୂଚନା ଦେଇଛି ବୋଲି ସନ୍ଦେହ କରାଯାଉଛି । ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ବେଳେ ଏପରି କିଛି ସୂଚନା ପାଇଛି କ୍ରାଇମବ୍ରାଂଚ । ଡ୍ରାଇଭର ସଚିନ ଆଇଟିଆର ନିର୍ଦ୍ଦେଶକଙ୍କୁ ନେବା ଆଣିବା କରୁଥିଲା । ତେଣୁ ନିର୍ଦ୍ଦେଶକ ଫୋନରେ କଥା ହେବା ବେଳେ କିମ୍ବା କାହା ସହିତ ଆଲୋଚନା କରିବା ବେଳର ତଥ୍ୟ ସଚିନ ଦେଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ସଚିନ ତିନି ଯୁବତୀଙ୍କ ସହ ସଂପର୍କରେ ଥିବା ମଧ୍ୟ ସୂଚନା ରହିଛି । ପୂର୍ବରୁ ଅନ୍ୟ ଅଭିଯୁକ୍ତ ହନିଟ୍ରାପରେ ଫସିଥିଲେ ବୋଲି ସୂଚନା ରହିଛି । ସଚିନ କ୍ଷେପଣାସ୍ତ୍ର ▶▶ପୃଷ୍ଠା ୭

ରାଜ୍ୟ ସରକାରଙ୍କ ଦ୍ୱାରା ଅରିନ୍ଦମ ଦାସଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଗତକାଲି ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଟିଭିର ଚିଫ ରିପୋର୍ଟ ଅରିନ୍ଦମ ଦାସଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ଗତକାଲି ମୁଣ

ଆଡମିଶନ ଫି ବୃଦ୍ଧିକୁ ଛାତ୍ର କଂଗ୍ରେସର ବିରୋଧ : ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଭଦ୍ରକ,୨୫/୯ (ନି.ପ୍ର): ଏବେ ସମଗ୍ର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖା ଚାଲିଛି । କିନ୍ତୁ ନାମ ଲେଖା ସମୟରେ ପ୍ରାୟ ସମସ୍ତ ମହାବିଦ୍ୟାଳୟ କ ର୍ପକ୍ଷ ଉନ୍ନୟନ ଫି ନାମରେ ଅତ୍ୟଧିକ ଅର୍ଥ ଆଦାୟ କରୁଛନ୍ତି । ଭଦ୍ରକ ଜିଲ୍ଲା ଛାତ୍ର କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିଛି । ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଏହି ମର୍ମରେ ଏକ ସ୍ମାରକପତ୍ର ଭଦ୍ରକ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସଂଗଠନର ଜିଲ୍ଲା ସଭାପତି ସୌମ୍ୟରଂଜନ ବାରିକ, ମହମ୍ମଦ ସାକିର, ସେକ୍ ନଜରୁଲ ହେଦୋ, ରାଜବ ଲୋଚନ ବାରିକ, ସିଜଦା ଖାନ ପ୍ରମୁଖ ଜିଲ୍ଲାପାଳଙ୍କୁ ଏହି ସ୍ମାରକପତ୍ର ଦେବା ସହ ପରୀକ୍ଷା ଫି ସମ୍ପୂର୍ଣ୍ଣ ଛାଡ଼ କରିବା ସହିତ ନାମଲେଖା ଫି କମାଇବାକୁ ଦାବି କରିଛନ୍ତି । ଶ୍ରୀ ବାରିକ କହିଛନ୍ତିଯେ ଗତ ୨ବର୍ଷ ଧରି କୋଭିଡ କବଳରେ ମାନବ ସମାଜ କବଳିତ । ଲଗାତର ଲକ ଓ ସଟ୍ ଡାଉନ ପାଇଁ ସମାଜର ପ୍ରତିଟି ବର୍ଗର ଲୋକଙ୍କ ଆର୍ଥୀକ ମାନଦଣ୍ଡ ଦୋହଲି ଯାଇଛି । ସରକାର ଏହାକୁ ସ୍ୱୀକାର କରୁଛନ୍ତି । ତେଣୁ ପ୍ରାୟ ସମସ୍ତ ବର୍ଗର ଲୋକଙ୍କୁ ସରକାର ବିଭିନ୍ନ ପ୍ରକାର ସହାୟତା ରାଶୀ ଯୋଗାଇ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ କଲେଜ କ ର୍ପକ୍ଷଙ୍କ ନାମଲେଖା ସମୟରେ ଫି ବୃଦ୍ଧି ଅମାନବୀୟ ଓ ଏହା ଅଭିଭାବକ ମାନଙ୍କୁ ଚିନ୍ତାରେ ପକାଇଛି । ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ଏହି ଫି ବୃଦ୍ଧି ପାଇଁ ବହୁତ ଛାତ୍ରଛାତ୍ରୀ ନିଜର ନାମ ଲେଖାଇ ପାରି ନାହାନ୍ତି । ତେଣୁ ତୁରନ୍ତ ଜିଲ୍ଲାପାଳ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ନାମଲେଖା ଫି କମାଇବାକୁ ସେମାନେ ଦାବି କରିଛନ୍ତି ।

ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ନେଇ ପ୍ରମୁଖ ଶାସନ ସଚିବଙ୍କୁ ଦାବିପତ୍ର

ଜଳେଶ୍ୱର ,୨୫/୯ (ନି.ପ୍ର): ସମାଜରେ ମହିଳା ଓ ଶିଶୁଙ୍କର ବିକାଶ ଓ ସୁରକ୍ଷା ଲାଗି କାର୍ଯ୍ୟ କରୁଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ନିମନ୍ତେ ଆଜି ଅଂଗନୱାଡି କର୍ମଚାରୀ ୟୁନିୟନ ଓ ସଂଯୋକ୍ତ ମୋର୍ଚ୍ଚା ପକ୍ଷରୁ ରାଜ୍ୟର ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତିର ପ୍ରମୁଖ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରେରଣ କରାଯାଇଛି । ୧୪ ଦଫା ଦାବି ମଧ୍ୟରେ ସମସ୍ତ କର୍ମୀଙ୍କୁ ଶିକ୍ଷକର ମାନ୍ୟତା ଓ ସହାୟିକାଙ୍କୁ ସହକାରୀ ଶିକ୍ଷକର ମାନ୍ୟତା ପ୍ରଦାନ ସହିତ ଭ । ପ୍ରଦାନ କରାଯାଉବୋଲି ସେମାନେ ଦାବି ଜଣାଛନ୍ତି । ଯଥାକ୍ରମେ ୫ବର୍ଷ ଓ ୧୦ବର୍ଷ କାର୍ଯ୍ୟକରିଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ବର୍ଦ୍ଧିତ ଦରମା, ଏସ୍.ଏନ୍.ପି ମୂଲ୍ୟର ସଂଶୋଧନ, ପେନ୍‌ସନ ଓ ଗ୍ରାଚ୍ୟୁଇଟିର ବ୍ୟବସ୍ଥା, ସହାୟିକାଙ୍କ ପଦୋନ୍ନତି, ଅସୁସ୍ଥ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ୫୦ହଜାର ଟଙ୍କାର ସହାୟତା, ମିନି ଅଂଗନୱାଡି କେନ୍ଦ୍ରକୁ ଅଂଗନୱାଡି କେନ୍ଦ୍ରରେ ପରିଣତ କରିବା, ଅଂଗନୱାଡି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ , ୩୫ ଓ ୩୬ଜମ ଶଶ୍ରମ ସମ୍ମିଳନୀର ସୁପାରିଶ ଅନୁଯାୟୀ ସମାଜସେବୀ ଆଖ୍ୟା ଉଚ୍ଛେଦ୍ କରି କର୍ମଚାରୀ ଆଖ୍ୟା, ବୀମା ଯୋଜନାର ସଫଳ ରୂପାୟନ, ମୃତ କର୍ମୀ ଓ ସହାୟିକାଙ୍କ ଉ ରାଧିକାରୀଙ୍କୁ ନିଯୁକ୍ତି ଇତ୍ୟାଦି ନେଇ ଦାବି କରାଯାଇଛି । ସଂଘରର ସାଧାରଣ ସଂପାଦିକା ହରପ୍ରିୟା ସ୍ୱାଇ, ସଭାପତି ରାଧାରମଣ ଷଡଙ୍ଗୀ, କେନ୍ଦ୍ରୀୟ ଆବାହକ ପ୍ରଦୀପ ପାଢୀଙ୍କ ନେତୃତ୍ୱରେ ଲକ୍ଷ୍ମୀପ୍ରିୟା ଦାସ , କଳ୍ପନା ଦେ, ମମତା ଦାସମହାପାତ୍ର , ତୃପ୍ତିରାଣୀ ମହାନ୍ତି , ସୁଚିତ୍ରା ଆସ , ଚମ୍ପାବତୀ ନାଗ, ଝରଣା ସାହୁ, ସୁଗୀ ମୁର୍ମୁ, କୁନ୍ତଳା ପାତ୍ର, ସ୍ୱାଗତିକା ଜେନା, ଫୁଲ ସରେନ୍ , ମଂଜୁଲତା ପ୍ରମାଣିକ, ପ୍ରଭାସିନୀ ଗିରି , ରାଜଶ୍ରୀ କଟାଲ , ବାସନ୍ତୀ ବାସ୍କେ , ପ୍ରମିଳା ପାଳ ପ୍ରମୁଖ ଏକ ଦାବିପତ୍ର ବିଡିଓ ଦୀପ୍ତିରଂଜନ ସେଠୀଙ୍କୁ ପ୍ରଦାନ କରିଥିଲେ । ଉପଦେଷ୍ଟା କମଳ ଚକ୍ରବ ର୍ତ୍ତୀ ଓ ମନୋରଂଜନ ଦାସ ସହଯୋଗ କରିଥିଲେ ।

ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ଜଣେ ଗିରଫ

ସମ୍ବଲପୁର,୨୫/୯ (ନି.ପ୍ର): ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ପୋଲିସ । ସମ୍ବଲପୁର ଜିଲ୍ଲା ଯୁଯୁମରା ଥାନା ଅନ୍ତର୍ଗତ ବାସୁପାଲ୍ଲୀ ଗ୍ରାମର ଜନୈକ ବ୍ୟକ୍ତି ବେଆଇନ ଭାବେ ବନ୍ଧୁକ ରଖିଥିବା ନେଇ ସୁରାକ୍ ପାଇବା ପରେ ପୋଲିସ ଅଚାନକ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ସେଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲା । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ଯୁଯୁମରା ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

ଧାମନଗର ମହାବିଦ୍ୟାଳୟରେ ରକ୍ତଦାନ ଶିବିରରେ ୩୦ୟୁନିଟ୍ ରକ୍ତ ସଂଗ୍ରହ

ଧାମନଗର ,୨୫/୯ (ନି.ପ୍ର): ଧାମନଗର ବିଜ୍ଞାପିତ ଅ ଳ ପରିଷଦ ଅନ୍ତର୍ଗତ ଧାମନଗର ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ଦିବସ ପାଳନ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବରେଡ଼କ୍ରସ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର କୁମାର ପାଣିଗ୍ରାହୀ ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସେବା ସର୍ବଦା ବାସେ ଓ ରକ୍ତଦାନ ଭଳି ମାନବୀୟ ସମ୍ବେଦନା ପ୍ରବୃ ି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମାନବିକ ଚେତନାର ବିକାଶରେ ସହାୟକ ହେବବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ. ସମୀର କୁମାର ହୁଇ ରକ୍ତଦାନ କରିବାପରେ ଏହି ଶିବିରରେ ୩୦ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ଶିବିରକୁ ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ପ୍ରାଧ୍ୟାପକ ମହମ୍ମଦ ଇସ୍ରାଇଲ, ବୈରଗଂଜନ ଦାସ, ଅଧ୍ୟାପିକା ସ୍ମରଣିକା ପ୍ରଧାନ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପକି ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ଏନ୍‌ଏସ୍,ଏସ୍ ଏବଂ ୱାଇ ଆର ସି ଉଭୟ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ଓଡ଼ିଶା ରକ୍ତକେନ୍ଦ୍ରର ଭଦ୍ରକରୁ ଡ଼ଃ. ସିନ୍ଧୁସୁତା ନାୟକ, ଡ଼ଃ. ରବିନ୍ଦ୍ର କୁମାର ଖୁ ିଆ, କର୍ମଚାରୀ ରୂପକ କୁମାର ସେନାପତି, ସେକ୍ ବୁଦ୍ଧିଆ, ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖଙ୍କ ସହଯୋଗରେ ୩୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ସିନାପାଲିରେ ଏକ ସଦର ଷ୍ଟାଡିଅମ ନିର୍ମାଣ ପାଇଁ ବିଧାୟକଙ୍କୁ ଦାବିପତ୍ର

ନୂଆପଡ଼ା,୨୫/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲିରେ ଏକ ସଦର ଷ୍ଟାଡିଅମ ନିର୍ମାଣ ପାଇଁ ପିସିସି ସଦସ୍ୟ ଲିଙ୍ଗରାଜ ଘିଭେଳାଙ୍କ ନେତୃତ୍ୱରେ ଏକ ଯୁବଗୋଷ୍ଠୀ ଖଡ଼ିଆଳ ବିଧାୟକଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ଜିଲାପାଳ ନୂଆପଡାଙ୍କ ନିର୍ଦ୍ଦେଶ କ୍ରମେ ସଦର କାପସି ଗ୍ରାମ ସ୍ଥିତ ପ୍ରସ୍ତାବିତ ସିନାପାଲି ଷ୍ଟାଡିଅମ ପାଇଁ ଜମି ଚିହ୍ନଟ ହୋଇସାରିଛି । ହେଲେ ସେଥି ପ୍ରତି କାହାରି ନଜର ପଡୁନଥିବା ବେଳେ ଦୈନନ୍ଦିନ କ୍ରୀଡ଼ାଭ୍ୟାସ କରୁଥିବା ଅଂଚଳର କ୍ରୀଡ଼ାବିତ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଂଚଳର କ୍ରୀଡ଼ାବିତ ମାନଙ୍କ ସମସ୍ୟା ବାବଦରେ ଅବଗତ ହେଲାପରେ ବିଧାୟକ ସିନାପାଲି ସଦର ଷ୍ଟାଡିଅମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଓଡିଶା କ୍ରୀଡ଼ା ମନ୍ତ୍ରଣାଳୟରୁ ପାଣ୍ଠି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ବିଧାୟକଙ୍କ ପ୍ରତିଶ୍ରୁତି ପରେ ସିନାପାଲି ଅଂଚଳର କ୍ରୀଡ଼ାବିତ ଓ ଯୁବଗୋଷ୍ଠୀ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସଦର ଷ୍ଟାଡିଅମ ନିର୍ମାଣ ହେଲେ ଅଂଚଳର କ୍ରୀଡ଼ାବିତ ମାନଙ୍କ ବହୁବିଧ ଅସୁବିଧା ଦୂର ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ପିସିସି ସଦସ୍ୟ ତଥା ପୂର୍ବତନ ଜିଲ୍ଲା ପରିଷଦ ଲିଙ୍ଗରାଜ ଘିଭେଳାଙ୍କ ସମେତ କ୍ରୀଡ଼ାବିତ ପ୍ରକାଶ ପାତ୍ର, ନରେଶ ମାଝୀ, ବିହାରିଲାଲ ମିଶ୍ରା, ସୁନୀଲ ମେହେର, ନରେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

ଧାମନଗରରେ ଅସ୍ଥାୟୀ ତହସିଲଦାର କ୍ଷୀରୋଦ ପଣ୍ଡାଙ୍କ କାର୍ଯ୍ୟଭାର ଗ୍ରହଣ

ଧାମନଗର ,୨୫/୯ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ ଚିଠି ନଂ ୮୧୬୭ ତା ୨୧/୯/୨୦୨୧ ମୂଳେ ଧାମନଗରର ଆଇ/ସି ତହସିଲଦାର ଭାବେ କ୍ଷୀରୋଦ କୁମାର ପଣ୍ଡା ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଉକ୍ତ କାର୍ଯ୍ୟାଳୟର ଚିଠି ନଂ ୪୪୦୬ ଅନୁସାରେ ଧାମନଗର ବିଡ଼ିଓ ଦୁର୍ଗାଚରଣ ମୁର୍ମୁ ଗତ ୩୦.୦୫.୨୦୨୧ ଠାରୁ ଅତିରିକ୍ତ ଦାୟିତ୍ୱରେ ଥିଲେ । ତେବେ ନିର୍ଦ୍ଦେଶ ପାଇବାପରେ ଶ୍ରୀ ପଣ୍ଡା ଗୁରୁବାର ପୂର୍ବାହ୍ନରେ ଧାମନଗର ଆଇ/ସି ତହସିଲରଦାର ଭାବେ ସ୍ଥାୟୀ ତହସିଲଦାର ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ତୁଲାଇବେ । କାର୍ଯ୍ୟଭାର ଗ୍ରହଣପରେ ଶ୍ରୀ ପଣ୍ଡାଙ୍କୁ ଅତିରିକ୍ତ ତହସିଲଦାର ଅରୁପ କୁମାର ବେହେରା, ରାଜସ୍ୱ ସୁପରଭାଇଜର, ବରିଷ୍ଠ ରାଜସ୍ୱ ସହାୟକ ନିତ୍ୟାନନ୍ଦ ନାୟକଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ ମାନେ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିବା ଜଣାଯାଇଛି । ତେବେ ଧାମନଗର ଅଂଚଳରେ ତହସିଲ, ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପନିବନ୍ଧକ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ତୁରନ୍ତ ନିଯୁକ୍ତ ପାଇଁ ସାଧାରଣରେ ଦାବି ହୋଇଛି ।

ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଭତା

ଧର୍ମଶାଳା,୨୫/୯ (ନି.ପ୍ର): ଗରୀବ ରହିବ ନାହିଁ । ସମସ୍ତଙ୍କୁ ମିଳିବ ସରକାରୀ ସହାୟତା । ପରିଣତ ବୟସରେ ଅସହାୟ ଲୋକମାନଙ୍କ ମୁହଁ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି । ଏହାର ସଠିକ ପରିଚାଳନା ପାଇ ବ୍ଲକ ସ୍ତରରେ ବହୁ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ସରକାରଙ୍କ ଏହି ଯୋଜନା ହିତାଧିକାରୀଙ୍କ ନିକଟରେ ପଂହଚି ପାରୁନଥିବା ଦେଖିବାକୁ ମିଳିଛି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱ ହୀନତା ପାଇଁ ଏହି ଯୋଜନା ସାଧାରଣ ଲୋକଙ୍କ ସମସ୍ୟାକୁ ଦୂର କରି ପାରୁନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଚମ୍ପାପୁର ଓ ନେଳିଆ ପଂଚାୟତରେ । ଚମ୍ପାପୁର ପଂଚାୟତ ସପନପୁର ଗ୍ରାମର ବିଧବା କୁନି ସାହୁ(୪୭), ସନ୍ୟାସୀ ସାମଲ (୬୬), ଶଶୀରେଖା ମଲିକ (୬୬), ମାଳତୀ ସାହୁ (୬୩), ସନ୍ୟାସୀ ମଲିକ (୭୧), ନେଳିଆ ପଂଚାୟତ ରାମପୁର ଗ୍ରାମର ନିଶାମଣୀ ସାହୁ (୭୦), ଗୋପନଗର ଗ୍ରାମର ସଂନ୍ଧ୍ୟ ସାହୁ (୭୧), କମଳା ଦେଇ (୬୮)ଙ୍କ ଭଳି ଅନେକ ହିତାଧିକାରୀ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଓ ବିଧବା ଭତା ପାଇବାରୁ ବଂଚିତ ଅଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଆମେ ବହୁବାର ଭତା ପାଇ ଆବେଦନ କରିଥିଲେ ମଧ୍ୟ ଆମ ପାଖରେ ସରକାରୀ ସୁବିଧା ସୁଯୋଗ ପଂହଚି ପାରୁ ନାହିଁ । ଏହି ବ୍ଲକରେ ପୂର୍ବରୁ ବାର୍ଦ୍ଧକ୍ୟ ବିଧବା ଭତା ପ୍ରଦାନରେ ବହୁ ଅନିୟମିତତା ହୋଇଥିବା ନେଇ ଜିଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା । ଯାଜପୁର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

କଳାହାଣ୍ଡି ଜିଲ୍ଲାରେ ସ୍କୁଲ କମିଟିର ସହଯୋଗ ତାଲିମ୍

ଭବାନୀପାଟଣା,୨୫/୯ (ନି.ପ୍ର): ଆଜିଠୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ସ୍କୁଲ କମିଟି, ସଭ୍ୟ ସଭ୍ୟାଙ୍କ ସହଯୋଗ ତାଲିମ୍ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ । ଏହି କ୍ରମରେ ଗୁରୁଜୁଙ୍ଗ ସରକାରୀ ହାଇସ୍କୁଲରେ ଆୟୋଜିତ ତାଲିମ ଶିବିରରେ ଗୁରଜୁଙ୍ଗ ସରପଞ୍ଚ ଶ୍ରୀମତୀ ରୀନା ସାହୁ, ଏ. ବି. ଓ. ଜୟରାମ ମାଝୀ, ସି.ଆର.ସି. ସିମାଚଂଳ ସାହୁ, ପ୍ରଧାନ ଶିକ୍ଷକ ଗୋରେଖ ସାହୁ, ଲୋକ୍ୟଦର ପ୍ରଧାନ, ଅଙ୍ଗନୱାଡି କର୍ମୀ ଅଶୋକା ମଞ୍ଜରୀ ନାଏକ ଓ ସଭ୍ୟ ସଭ୍ୟା, ସମାଜସେବି ତଥା ସ୍କୁଲ ସଭାପତି ଗୁଣ ସାଗର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ତାଲିମ୍‌ର ପ୍ରମୁଖ ବିଷୟ, ଶିକ୍ଷାକୁ ଘରେ ଘରେ ପହଂଚାଇବା, ଗ୍ରାମର ବିଭିନ୍ନ ସ୍ଥାନ ମଣ୍ଡପ, ଟୁଙ୍ଗି ଘରେ ଶିକ୍ଷକ ମାନେ ଯାଇ ଅଭ୍ୟାସ ପାଠ ପଢାଇବେ, ମାର୍ଗ ଦର୍ଶନ ଦେବା, ଏକତ୍ରିତ ବସାଇ ପାଠ ପଢାଇବା, ଶିକ୍ଷାର ବାତାବରଣ ସୃଷ୍ଟି କରିବା, ଅଭିଭାବକ ଛାତ୍ର ଶିକ୍ଷକ ସଂଯୋଗରେ ଶିକ୍ଷାର ପ୍ରଗତିରେ ସମସ୍ତଙ୍କ ସହଯୋଗ କରିବାର ଆବଶ୍ୟକତା ରହିଛି ଏବଂ ଅଫ୍ ଲାଇନରେ ସିଧା ଟିଭି ମାଧ୍ୟମ ରେ ୧୧-୩ଘଣ୍ଟା ମଧ୍ୟରେ ପଢ଼ି ପାରିବାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ବିଜେଡିରେ ଯୋଗ ଦେଲେ ଧର୍ମଶାଳାର ବରିଷ୍ଠ ବିଜେପି ନେତା ତୁଷାର ପରିଡା

ଧର୍ମଶାଳା,୨୫/୯ (ନି.ପ୍ର): ଯାଜପୁର ଧର୍ମଶାଳା ରାଜନୀତି ସରଗରମ । ଆଜି ବିଜେପିକୁ ଲାଗିଛି ବଡ ଝଟକା । ବିଜେପି ଛାଡି ଶଙ୍ଖ ଶିବରରେ ଯୋଗ ଦେଇଛନ୍ତି ଧର୍ମଶାଳାର ବରିଷ୍ଠ ନେତା ତଥା ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତୁଷାର ପରିଡା । ଆଜି ବିଧିବଦ୍ଧଭାବେ ଦଳ ପରିତ୍ୟାଗ କରି ୧୨ ଜଣ ବରିଷ୍ଠ ସଭ୍ୟଙ୍କ ସହ ଭନନେଶ୍ୱରରେ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି । ଯାହାକୁ ନେଇ ଯାଜପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଦ୍ୱିପ ତଳ ଅନ୍ଧାର ଭଳି ଭଦ୍ରକ ମୋଗଲ ତାମସାର ଭବିଷ୍ୟତ ଅନ୍ଧାର

ଭଦ୍ରକ,୨୫/୯ (ନି.ପ୍ର): ଆଗାମି ଦିନରେ ହେବାକୁ ଯାଉଥିବା ଲୋକକଳା ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତାରେ ମୋଗଲ ତାମସା ଲୋକ ନାଟକ ଯେ କି ଭଦ୍ରକର ପରିଚୟ ଦିଏ । ଯାହାର ଅଭିନୟ ଦିଲ୍ଲୀ, ବନାରସ, ପାଟଣା, ରାଷ୍ଟ୍ରିୟ ନାଟକ ବିଦ୍ୟାଳୟ, ନୂଆଦିଲ୍ଲୀ, ଆସାମ, ମଣିପୁର, ଶାନ୍ତିନିକେତନ ନିଜ ରାଜ୍ୟର ବିଭିନ୍ନ ଜିଲ୍ଲାର ମହୋତ୍ସବ ମାନଙ୍କରେ ଉଚ୍ଚ ପ୍ରଶଂସିତ କିନ୍ତୁ ନିଜ ଜିଲ୍ଲାରେ ଦୀପ ତଳ ଅନ୍ଧାର ଭଳି ଅଣଦେଖା, ପରିବେଷଣ ପାଇଁ ମାତ୍ର ପନ୍ଦର ମିନିଟ କଲେ କର ନକଲେ ନାହିଁ କଳାକାରଙ୍କର ପାରିଶ୍ରମିକ ନାହିଁ । କୋଭିଡ-୧୯ର ଭୟ ଗ୍ରାସି ଥିବାବେଳେ କଳାକାରଟିଏ ଭୋକ ଉପାସରେ କାନ୍ଦୁ ଥିବା ବେଳେ ଏ କି ପ୍ରକାରର ଉପହାର ବୋଲି ସଂଘ ପ୍ରଶାସନକୁ ଗୁହାରି କରି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛି । ଜିଲ୍ଲାପାଳ ତାଙ୍କର ଗୁହାରି ଶୁଣିବାର ପ୍ରତିଶ୍ରୁତି ଦେଇଛନ୍ତି । ସଂକେତର ଗୁରୁ ବାଦଲ ସିକଦାର, ବିମଳା ନାଟ୍ୟ ସଂସଦ ରାନ୍ଧିଆର ନାଟ୍ୟ ନିର୍ଦ୍ଦେଶକ ଗୌରାଂଗ ଚନ୍ଦ୍ର ବାରିକ, ଅମିୟ ମହାପାତ୍ର, ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ, ଗରଦପୁର, ସମ୍ପାଦକ ପ୍ରଦୟୋ ତନ ସୁଆର, ସରୋଜସିଂହ, ଗିରିଧାରୀ ନାଟ୍ୟ ସଂସଦ, ପୁରୁଣାବଜାରର ସମ୍ପାଦକ ବାପି ସାହୁ, ବୃନ୍ଦାବନ ସାହୁ, ଇତ୍ୟାଦି ସଂଘର କର୍ମକ ର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିଥିଲେ ।

କେନ୍ଦ୍ରୀୟ ସଂଗଠନମାନଙ୍କ ପକ୍ଷରୁ ବିଶାଳ ପଟୁଆର : ୨୭ ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ

ଭଦ୍ରକ,୨୫/୯ (ନି.ପ୍ର): ସାରା ଦେଶ ତମାମ ଦେଶକୁ ସେବା ଯୋଗାଉଥିବା ଅଶାକର୍ମୀ, ପାଚିକା, ଅଙ୍ଗନୱାଡ଼ି କର୍ମୀ ସମେତ କୃଷକ ସାଥୀ, ବ୍ୟାଙ୍କ ମିତ୍ର ଆଦି ଲକ୍ଷ ଲକ୍ଷ ଲୋକଙ୍କୁ ଗୋଟି ଶ୍ରମିକ ଭାବେ ଗୋଟି ଖଟାଉଛନ୍ତି କେନ୍ଦ୍ର ସରକାର । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ ସ୍ୱେଚ୍ଛାସେବୀ ଆଖ୍ୟା ଦେଇ ଶୋଷଣ କରିବାରେ ଲାଗିଛନ୍ତି । ଏମାନଙ୍କୁ ଶ୍ରମିକର ମାନ୍ୟତା ନଦେବର ଦୁର୍ଭାଗ୍ୟଜନକ ବୋଲି ମଳିତ କେନ୍ଦ୍ରୀୟ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି । ତେବେ ଗତ ୨ବର୍ଷ ଧରି କରୋନା ମହାମାରୀ ସମୟରେ କରୋନା ଯୋଦ୍ଧା ଘୋଷଣା କରିଥିବା ଏସମସ୍ତଙ୍କୁ ବୀମାଭୂକ୍ତ କରିବା ସହ ସେମାନଙ୍କୁ ସେମାନଙ୍କୁ ମାସିକ ୧୮ ହଜାର ଟଙ୍କା ବେତନ ଦେବା, ସେ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ସେପ୍ଟେମ୍ବର, ୨୦୨୧
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ମୋର ପୂର୍ବ ସ୍ମୃତି କଥା

ଭାଗ-୪୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ତପ୍‌ରେ ଯୁବରାଜ ମୋତେ ଯାତ୍ରା ପଡ଼ିଆକୁ ଘେନିଗଲେ । ସେଠାରେ ପ୍ରଭୂତ ଜନାଗମ ହୋଇଅଛି ଓ ନାନାପ୍ରକାର ବାଦ୍ୟ ସହିତ ନୃତ୍ୟଗୀତ ହେଉଅଛି । ଠାକୁରଙ୍କୁ ଏକ ବିମାନରେ ପରିକ୍ରମା କରାଇ ଏକ ମଣ୍ଡପ ଉପରେ ସ୍ଥାପନ କରାହେଉଛି । ଅଳ୍ପ ସମୟ ପରେ ରାଜା ଆସିଲେ ଓ ବହୁଲୋକ ଆସି ତାଙ୍କ ପାଦତଳରେ ପ୍ରଣାମ କଲେ । କେଉଁଠାରେ ପାଲା, କେଉଁଠାରେ ଦାସକାଠିଆ, କେଉଁଠାରେ ଘୋଡ଼ାନାଚ, ନାନାପ୍ରକାର ବେଶଭୂଷାରେ ସଜ୍ଜିତ ବାଳକମାନଙ୍କ ବାଡ଼ିଖେଳ ଇତ୍ୟାଦି ହେଉ ହେଉ ଅପରାହ୍ନ ହୋଇଗଲା । ରାତିରେ ବାଣ । ତିଗିରିଆ ବାଣ ପାଇଁ ପ୍ରସିଦ୍ଧ । ଏପରି କୌଶଳରେ ପ୍ରସ୍ତୁତ ବାଣ ମୁଁ କେବେ ଦେଖିନଥିଲି ।

ତିଗିରିଆ କ୍ଷୁଦ୍ର ରାଜ୍ୟ ହେଲେ ହେଁ ଏଠାରେ ଅନେକ ଗୁଣୀଲୋକଙ୍କ ନିବାସ । ଏଠାରେ ପ୍ରସିଦ୍ଧ ଆୟୁର୍ବେଦ ଚିକିତ୍ସକ, ଜ୍ୟୋତିଷ, ପଣ୍ଡିତ ବାସ କରୁଥିଲେ । ପ୍ରସିଦ୍ଧ ସଂସ୍କୃତଜ୍ଞ କବି ଭୁବନେଶ୍ୱର ବଡ଼ପଣ୍ଡାଙ୍କ ବାସସ୍ଥାନ ଏହିଠାରେ । ରାଜବାଟୀ ସଂଲଗ୍ନ ପ୍ରସନ୍ନ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର । ତାହାଙ୍କ ସେବାପୂଜା ଓ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାଳାପରେ ରାଜାଙ୍କ ଅଧିକାଂଶ ସମୟ ଅତିବାହିତ ହୁଏ । ନୂଆପାଟଣା ଏହି କ୍ଷୁଦ୍ର ରାଜ୍ୟର ଏକମାତ୍ର ସମୃଦ୍ଧିଶାଳୀ ଗ୍ରାମ । ଏହି ଗ୍ରାମରେ ଥଜାରି, ତନ୍ତୀ ଅଛନ୍ତି ଏବଂ ଏହି ସ୍ଥାନର କଂସାବାସନ, ମାଣିଆବନ୍ଦି ଓ ପାଟଲୁଗା ଓଡ଼ିଶାରେ ପ୍ରସିଦ୍ଧ ।

ସେହିଦିନ ସନ୍ଧ୍ୟାରେ ମୁଁ ତିଗିରିଆ ତ୍ୟାଗ କରି ଆସିଲି ।

ତିଗିରିଆ ରାଜାଙ୍କ ସମ୍ବନ୍ଧରେ ଗୋଟିଏ ଘଟଣା ମୁଁ ନିଜେ ପ୍ରତ୍ୟକ୍ଷ କରି ବିସ୍ମିତ ହୋଇଥିଲି । ପୋଲିଟିକେଲ୍ ଏଜେଣ୍ଟ ରାମ୍‌ସେ ସାହେବ ଢେଙ୍କାନାଳ ପରିଦର୍ଶନରେ ଆସିଥିବା ସମୟରେ ରାଜା ଓ ଯୁବରାଜ ଆସିଥିଲେ । ତିଗିରିଆର ଦେୱାନ୍ ରାଜତହବିଲ ତୋସରଫ କରିଥିବା ଅପରାଧରେ ଅଭିଯୁକ୍ତ ହୋଇଥିଲେ ଓ ରାଜା ତାଙ୍କ ପ୍ରତି ଦଣ୍ଡବିଧାନ ପରିବର୍ତ୍ତରେ ତାଙ୍କୁ କ୍ଷମା ଦେଇଥିବା ଯୋଗୁଁ ଯୁବରାଜ ତହିଁରେ ଅସନ୍ତୁଷ୍ଟ ହୋଇ ସେହି ବିଷୟ ପୋଲିଟିକେଲ୍ ଏଜେଣ୍ଟଙ୍କୁ ଜଣାଇଥିଲେ ଏବଂ ସେହି ସମ୍ପର୍କରେ ସାହେବ ଉଭୟଙ୍କୁ ଡକାଇଥିଲେ । ସାହେବଙ୍କ ସହିତ ସାକ୍ଷାତ କରିବା ସକାଶେ ଆସିବା ସମୟରେ ମୁଁ 'ଚଢ଼େଇ ରଗଡ଼ା' ବଙ୍ଗଳାରେ ଉପସ୍ଥିତ ଥିଲି ଓ ରାଜା ଯୁବରାଜ ଉଭୟେ ଇଂରେଜୀ ଜାଣୁନଥିବାରୁ ସାହେବଙ୍କ ଆଦେଶରେ ମୋତେ 'ଦୋଭାଷୀ' କାର୍ଯ୍ୟ କରିବାକୁ ହୋଇଥିଲା । ସାହେବ ଏକ ପ୍ରକୋଷ୍ଠ ମଧ୍ୟରୁ ବାହାରିଆସି ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାହାଙ୍କ କରମର୍ଦ୍ଦନ ସକାଶେ ହସ୍ତ ପ୍ରସାରଣ କରିବା ମାତ୍ରେ ରାଜା, "ହଁ! ହଁ! ସାହେବ! ଆପଣ ମ୍ଲେଚ୍ଛ । ଆପଣଙ୍କୁ ଛୁଇଁଲେ ଆମ୍ଭଙ୍କୁ ସ୍ନାନ ଓ ପଞ୍ଚଗବ୍ୟ ପାନ କରିବାକୁ ହେବ," କହି ଚାରିପାଞ୍ଚ ହାତ ପଛଘୁଞ୍ଚା ଦେଲେ । ସାହେବ ଅବାକ୍ ହୋଇ ଦଣ୍ଡାୟମାନ ହୋଇ ମୋ ଆଡ଼କୁ ଚାହିଁଲେ । ମୁଁ ବୁଝାଇଦେଲି, "ରାଜା ଅତ୍ୟନ୍ତ ରକ୍ଷଣଶୀଳ, ପୂଜାଦି କରନ୍ତି । ଆପଣ ଖ୍ରୀଷ୍ଟିୟାନ୍ । ସୁତରାଂ ଆପଣଙ୍କୁ ଛୁଇଁବାକୁ ଚାହୁଁନାହାନ୍ତି ।" ସାହେବ ମୃଦୁହାସ୍ୟ କରି ବସିଲେ । ତପ୍‌ରେ ରାଜାଙ୍କୁ କହିଲେ, "ଆପଣଙ୍କ ଦେୱାନ ରାଜତହବିଲ ତୋସରଫ ରୂପ ଗୁରୁତର ଅପରାଧରେ ଅଭିଯୁକ୍ତ । ତାଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାକୁ ହେବ ।" ରାଜା କହିଲେ, "ସାହେବ, ଆମ୍ଭଙ୍କୁ ସରକାର ଦେଇଥିବା ସନନ୍ଦ ଅନୁସାରେ ଇଂରେଜ ସରକାରଙ୍କ ସହିତ ଆମ୍ଭର ଯେତିକି ସମ୍ପର୍କ ସେତିକି ରକ୍ଷା ହେଉଛି କି ନାହିଁ ସେତିକି ଦେଖିବା ଆପଣଙ୍କ କର୍ତ୍ତବ୍ୟ । ଆମ୍ଭ ରାଜ୍ୟର ଆଭ୍ୟନ୍ତରୀଣ ଶାସନର କୌଣସି ବିଷୟ ଆପଣଙ୍କ ଅଧିକାରଭୁକ୍ତ ନୁହେଁ । ଆମ୍ଭେ ଅପରାଧୀ ଆମ୍ଭ ଦେୱାନଙ୍କୁ କ୍ଷମା କରିଅଛୁଁ । ଏହା ଆମ୍ଭର ଘରୋଇ ବିଷୟ, ଏଥିରେ ଆପଣ ହସ୍ତକ୍ଷେପ କରି ପାରିବେ ନାହିଁ ।" ସାହେବ ହଁ କହି କିଛି ସମୟ ପରେ ରାଜାଙ୍କୁ ବିଦାୟ ଦେଲେ ।

କଟକ ଜିଲ୍ଲା ନିକଟରେ ଥାଇ ଢେଙ୍କାନାଳ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କ ଅପେକ୍ଷା ଶିକ୍ଷାରେ ଅଧିକ ଉନ୍ନତ । ବହୁଦିନ ହେଲା ଏଠାରେ ହାଇସ୍କୁଲ ଓ ସଂସ୍କୃତ ଟୋଲ ସ୍ଥାପିତ ହୋଇଅଛି । ଅଳ୍ପଦିନ ପୂର୍ବେ ଏଠାରେ ଗୋଟିଏ କଲେଜ ସ୍ଥାପିତ ହୋଇଅଛି । ଶାସନର ବିଭିନ୍ନ ବିଭାଗରେ ଢେଙ୍କାନାଳବାସୀ ଯଥାଯୋଗ୍ୟ ସ୍ଥାନ ଗ୍ରହଣ କରିଅଛନ୍ତି । ଏଠାରେ କବି, ସାହିତ୍ୟିକ, ଲେଖକ, ଜ୍ୟୋତିଷ, ଚିକିତ୍ସକ ମଫସଲ ଅଞ୍ଚଳରେ ସୁଦ୍ଧା ଦେଖାଯାନ୍ତି । କାଳକ୍ରମେ ଶିକ୍ଷା ବିସ୍ତାର ଅଧିକ ପରିମାଣରେ ହୋଇଅଛି । ସର୍ବକ୍ଷେତ୍ରରେ ଢେଙ୍କାନାଳବାସୀ ଶାସନ ଓ ବିଚାର ବିଭାଗରେ ସୁଦ୍ଧା ଶୀର୍ଷସ୍ଥାନମାନ ଅଧିକାର କରିଅଛନ୍ତି । ୧୯୪୮ ମସିହାରେ ଗଡ଼ଜାତ ରାଜ୍ୟ ସମୂହ ଭାରତବର୍ଷ ସହିତ ମିଳିତ ହେଲା ଉତ୍ତାରେ ରାଜା ଓ ରାଣୀ ଉଭୟେ ରାଜନୀତି କ୍ଷେତ୍ରରେ ଯୋଗଦାନ କରିଅଛନ୍ତି । ରାଜା ଶ୍ରୀ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ତା.୩/୮/୬୫ରେ ତାଙ୍କ ୬୧ ବର୍ଷ ବୟସରେ ଦେହତ୍ୟାଗ କଲେ । ଏହି ସମୟରେ ସେ ରାଜ୍ୟସଭାର ସଦସ୍ୟ ଥିଲେ ।

ପ୍ରାୟ ଦୁଇବର୍ଷ କାଳ ଢେଙ୍କାନାଳରେ ରହିଲି । ମୋର ଚତୁର୍ଥ କନ୍ୟା ନିରୂପମାର ୧୯୨୦ ମସିହା ମଇ ମାସରେ ଓ ପଞ୍ଚମକନ୍ୟା ସୁଷମାର ୧୯୨୧ ମସିହା ଜୁଲାଇ ମାସରେ ଜନ୍ମ ଢେଙ୍କାନାଳରେ ହୋଇଥିଲା । କାମର ଧରଣ ଧାରଣ, ଲୋକଙ୍କ ପ୍ରକୃତି, ରାଜପରିବାରର ଜୀବନଯାପନ ପ୍ରଣାଳୀ ଓ ତାହା ସହିତ ରାଜକର୍ମଚାରୀଙ୍କ ସମ୍ବନ୍ଧ ଇତ୍ୟାଦି ଦେଖି ଗଡ଼ଜାତରେ ରହି ଚାକିରି କରିବାକୁ ମୋତେ ଭଲ ଲାଗିଲା ନାହିଁ । ପୋଲିଟିକେଲ୍ ଏଜେଣ୍ଟ୍ ରାମ୍‌ସେ ସାହେବ ମୋତେ ଢେଙ୍କାନାଳକୁ ପଠାଇଥିଲେ । ୧୯୨୧ ସାଲ ଜୁନ୍ ମାସରେ ସେ ଦୀର୍ଘ ଛୁଟିନେଇ ଚାଲିଗଲେ । ଅନୁଗୁଳ ଡେପୁଟି କମିଶନର କ୍ରେଭେନ୍ ସାହେବ ମଧ୍ୟ ଚାଲିଗଲେଣି ଓ ତାଙ୍କ ସ୍ଥାନରେ ଲୁକ୍‌ସ ସାହେବ (L.T.R.Lucas) ଡେପୁଟି କମିଶନର ହୋଇ ଆସିଥିଲେ। ସମ୍ବଲପୁରରେ ମୋର ଚାକିରି ଆରମ୍ଭରେ ଲୁକ୍‌ସ ସାହେବ ସବ୍‌ଡିଭିଜନାଲ୍ ଅଫିସର ହୋଇ ରହିଥିଲେ ଓ ତାଙ୍କ ନିକଟରେ ମୁଁ କାର୍ଯ୍ୟ ଶିକ୍ଷା କରିଥିଲି । ସେ ଢେଙ୍କାନାଳକୁ ଗସ୍ତରେ ଆସିଥିବା ସମୟରେ ମୁଁ ମୋର ସରକାରୀ କାର୍ଯ୍ୟକୁ ଫେରିଯିବା ଇଚ୍ଛା ପ୍ରକାଶ କଲି । ମୁଁ ଇଚ୍ଛାକଲେ ସେ ମୋତେ ଅନୁଗୁଳକୁ ନେବାପାଇଁ ଚେଷ୍ଟା କରିବେ ବୋଲି କହିଲେ । ମୁଁ ସମ୍ମତ ହେଲି ଓ ତାଙ୍କ ଚେଷ୍ଟାରେ ମୁଁ ପୁନର୍ବାର ଅନୁଗୁଳରେ ଅବସ୍ଥିତ ହେଲି । ଏହି ପ୍ରକାରେ ୧୯୨୧ ମସିହା ଅଗଷ୍ଟ ମାସରେ ମୁଁ ଢେଙ୍କାନାଳ ତ୍ୟାଗକଲି ।

ଦ୍ୱିତୀୟବାର ଅନୁଗୁଳରେ ଅବସ୍ଥିତି

୧୯୨୧ ମସିହା ଅଗଷ୍ଟମାସ ଶେଷ ଆଡ଼କୁ ମୁଁ ଢେଙ୍କାନାଳରୁ ଆସି ଅନୁଗୁଳରେ ପୁନର୍ବାର ସରକାରୀ କାର୍ଯ୍ୟରେ ଯୋଗଦାନ କଲି । ଇତିପୂର୍ବେ ଅନୁଗୁଳରେ ତିନିବର୍ଷ ରହି ୧୯୧୪ ମସିହାରେ ଅନ୍ୟତ୍ର ଚାଲି ଯାଇଥିଲି । ଏହି ସାତବର୍ଷ ମଧ୍ୟରେ ଅନୁଗୁଳର ଶାସନପ୍ରଣାଳୀରେ କୌଣସି ପ୍ରକାର ପରିବର୍ତ୍ତନ ଲକ୍ଷିତ ହେଲାନାହିଁ । କେବଳ ଯାହା ଅନୁଗୁଳ ବାହାର ଲୋକେ ଅନୁଗୁଳରେ ଜମି ହାସଲ କରି ଡେପୁଟି କମିଶନର କ୍ରେଭେନ୍ ସାହେବଙ୍କ ଅମଳରେ ଜଣେ ଜଣେ ଜମି କରିପାରିଲେଣି । ଡେପୁଟି କମିଶନରଙ୍କ ଦପ୍ତରରେ କାମ କରୁଥିବା ଅମଲାଙ୍କ ମଧ୍ୟରୁ ଅଧିକାଂଶ କଟକ ଅଞ୍ଚଳର । ଅମଲାମାନେ ନିଜେ ନିଜେ ଗୋଟିଏ ଗୋଟିଏ ବସାଘର କରିଥାନ୍ତି । ବଦଳି ହେଲେ ତାଙ୍କ ସ୍ଥାନରେ ଆସିଥିବା ଅମଲାଙ୍କୁ ଡେପୁଟି କମିଶନରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମୂଲ୍ୟରେ ତାହା ବିକ୍ରୟ କରନ୍ତି । ଆଉ ଯେଉଁମାନେ ଚାକିରିରୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ରହିଥାନ୍ତି ସେମାନେ ମଧ୍ୟ ଡେପୁଟି କମିଶନରଙ୍କ ହୁକୁମ ଅନୁସାରେ କୌଣସି ଅମଲାଙ୍କୁ ତାଙ୍କ ଘର ବିକ୍ରୟ କରିବା ନିୟମ ଥିଲା । କ୍ରେଭେନ୍ ସାହେବ, କେହି ରହିବାକୁ ଚାହିଁଲେ, ତାଙ୍କ ନାମରେ ତାଙ୍କ ଘରବାଡ଼ି ଜମିର ଚିରସ୍ଥାୟୀ ପଟ୍ଟାଦେବା ଆରମ୍ଭ କରିଦେଲେ । ଏହି ପ୍ରକାରେ ବଙ୍ଗାଳୀ, ମାରୁଆଡ଼ିମାନେ ସୁଦ୍ଧା ଅନୁଗୁଳ ବଜାର ଓ ମଫସଲରେ ଘରବାଡ଼ି, ଚାଷଜମି କରିବାକୁ ଲାଗିଲେ । ବଙ୍ଗାଳୀ ଶ୍ରୀ ଗିରିଜାଭୂଷଣ ଦତ୍ତ ଏହି ପ୍ରକାର ଚିରସ୍ଥାୟୀ ବାସିନ୍ଦା ହୋଇ ୧୯୩୭ ମସିହାର ସାଧାରଣ ନିର୍ବାଚନରେ ଅନୁଗୁଳରୁ ଓଡ଼ିଶା ବିଧାନସଭାର ସଦସ୍ୟ ହୋଇଥିଲେ ।

ପର୍ଦ୍ଦା ପଛର କଥା -୮

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ-୧୯

'ଛୋଟ ପରଦାର ମୋହ-୪'

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତେବେ 'ଉପନାୟିକା'ର କାମ ଆରମ୍ଭ ହେବା ପୂର୍ବରୁ ପ୍ରଯୋଜକ ହେମରାଜ୍ ଏକ ହିନ୍ଦୀ ଟେଲିଫିଲ୍ମ 'ସୁକୀ' ପାଇଁ ଆପ୍ରୁଭାଲ ପାଇଗଲେ । ହେମରାଜ୍‌ଙ୍କର ମନ୍ତ୍ରୀ କାମାକ୍ଷା ପ୍ରସାଦଙ୍କ ସହ ସଂପର୍କ ଭଲ ।

'ସୁକୀ'ର କାହାଣୀ ଏକ ଆଦିବାସୀ ଯୁବକର କାହାଣୀ ଯାହାକୁ ପ୍ରସ୍ତୁତ କରିଥିଲେ ସବ୍ୟଦା ନିଜେ । 'ଉପନାୟିକା' ପୂର୍ବରୁ 'ସୁକୀ'ର ପ୍ରସ୍ତୁତି କରିବାକୁ ପଡ଼ିବ । ସୁଟିଂ ପାଇଁ ଲୋକେସନ୍ ଦେଖିବାକୁ କୋରାପୁଟ ବିଷମ କଟକ ଯିବା ପାଇଁ ସ୍ଥିର ହେଲା । କଥା ହେଲା ମୁଁ ମଧ୍ୟ ସାଥିରେ ଯିବି । ମୋର ଯଦିଓ 'ସୁକୀ' ସହ ସଂପର୍କ କିଛି ନଥିଲା, ତେବେ ଯାତ୍ରାକାଳରେ ସବ୍ୟଦାଙ୍କ ସହ 'ଉପନାୟିକା'ର ସ୍କ୍ରିପ୍ଟ ବିଷୟରେ ବିଶେଷ ଆଲୋଚନା ହୋଇପାରିବ । ବୁଢ଼ାମହାରଣା, ସବ୍ୟଦାଙ୍କ ସହ ମୁଁ ବିଷମ କଟକ ବାହାରିଲି । ବୁଢ଼ା ମହାରଣା କଳା ନିର୍ଦ୍ଦେଶକ ଓ ଗାଇଡ । ଲୋକେସନ୍ ଦେଖିବାରେ ସେ ମାହିର୍ ।

ବାଟରେ ପଦ୍ମପୁରରୁ ଆମ ସହ ସଂଯୁକ୍ତ ହେଲେ ଯୁବ କ୍ୟାମେରାମ୍ୟାନ୍ ପଣ୍ଡା ବାବୁ । ପଣ୍ଡା ବାବୁ ଏଫ୍.ଟି.ଆଇ ରୁ ପାଶ୍ କରି ମୁମ୍ବାଇରେ ଅବସ୍ଥାପିତ । 'ସୁକୀ'ର କ୍ୟାମେରା ଦାୟିତ୍ୱ ସମ୍ଭାଳିବାର ଦାୟିତ୍ୱ ତାଙ୍କର । ଅବଶ୍ୟ ପରେ 'ସୁକୀ' ପ୍ରୋଜେକ୍ଟରୁ ପଣ୍ଡାବାବୁ ଓହରି ଯାଇଥିଲେ ।

ବାହାରକୁ ବୁଲିବାକୁ ଯିବାର ଅଭିଜ୍ଞତା ମୋର ପ୍ରଥମ । ମୁଁ ବହୁତ ହୋମ୍‌ସିକ୍ । ଘରଛାଡ଼ି କୁଆଡ଼େ ଯିବାର ମାନସିକତା ମୋର ନଥାଏ କେତେବେଳେ । ତେବେ ବିଷମ କଟକର ପ୍ରାକୃତିକ ଶୋଭାରେ ମୁଁ ବିଭୋର ହୋଇଗଲି । ଗୋଟାଏ ବଙ୍ଗାଳୀ ଡାକ ବଙ୍ଗଳାରେ ଆମେ ରହିଲୁ । 'ଉପନାୟିକା'ର ସ୍କ୍ରିପ୍ଟ ମୁଁ ପ୍ରସ୍ତୁତ କରୁଥାଏ ତା' ମଧ୍ୟରେ ।

ଲୋକେସନ୍ ଦେଖି ଫେରିବା ବେଳକୁ ମୁଁ ଚାରୋଟି ଅଧ୍ୟାୟରେ ସ୍କ୍ରିପ୍ଟ ପ୍ରସ୍ତୁତ କରି ସାରିଥାଏ । ଏତେ କମ୍ ସମୟ ମଧ୍ୟରେ (୩ଦିନ) ମଧ୍ୟରେ ମୁଁ ସ୍କ୍ରିପ୍ଟ କରି ଦେଇଥିବାରୁ ସବ୍ୟଦା ଆଶ୍ଚର୍ଯ୍ୟ ହେଲେ ଓ ମୋ ଉପରେ ତାଙ୍କର ବିଶ୍ୱାସ ହୋଇଗଲା ।

ତେବେ 'ଉପନାୟିକା'ର କାର୍ଯ୍ୟ ସେଠି ଅଟକି ଗଲା । କୌଣସି କାରଣରୁ ପ୍ରତିଭା ରାୟଙ୍କ କାହାଣୀକୁ ନେଇ ଆଗେଇବାକୁ ପସନ୍ଦ କଲେନି ସବ୍ୟଦା । ପୁଣି କାହାଣୀ ଖୋଜାଗଲା । 'ଉପନାୟିକା' ନହେଲେ ବି ମୋର ନିଜ ଉପରେ ବିଶ୍ୱାସ ଆସି ଯାଇଥାଏ । ଦୂରଦର୍ଶନ କାମରେ ନୂଆ ହେଲେ ବି' ସବ୍ୟଦାଙ୍କ ଭଳି ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ନିର୍ଦ୍ଦେଶକଙ୍କ ଆସ୍ଥା ଲାଭ କରିବା କମ୍ ସୌଭାଗ୍ୟର କଥା ନୁହେଁ ।

ସବ୍ୟଦା' ଏକ କ୍ଷୁଦ୍ର କାହାଣୀ (ଟେଲି ଫିଲ୍ମ) ପାଇଁ ଲେଖିଥିଲେ । କାହାଣୀଟି ହେଉଛି ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ସବିତା ସୁଦୂର ଆଦିବାସୀ ପଲ୍ଲୀକୁ ଚାକିରୀ କରିବାକୁ ଯାଉଛି, ସେଠି ତା'ର ଆଦିବାସୀମାନଙ୍କ ସହ ସଂପର୍କ, ସାମ୍ନା କରୁଥିବା କିଛି ସମସ୍ୟାକୁ ନେଇ କାହାଣୀଟି ଗତିଶୀଳ । ଦୁଇଦିନ ଭିତରେ ୪ଟି ଡମି ଅଧ୍ୟାୟର ସ୍କ୍ରିପ୍ଟ ଓ ବାକି ସିନେପସିସ୍ ଦାଖଲ କରାଗଲା ଯୁଦ୍ଧ କାଳୀନ ଭିତ୍ତିରେ । ପ୍ରଯୋଜକ କମାକ୍ଷାନଗରର ତ୍ରିପାଠୀ ଭାଇନା, ତ୍ରିପାଠୀ ଭାଇନାଙ୍କ ଶଳା ପ୍ରକାଶ ମିଶ୍ର ସବ୍ୟଦାଙ୍କର ପଡ଼ୋଶୀ ଶୈଳେଶ୍ରୀ ବିହାରରେ ରୁହନ୍ତି । ପ୍ରକାଶ ମିଶ୍ର କବିତା ଲେଖନ୍ତି ଓ ବ୍ୟାଙ୍କରେ କାମ କରନ୍ତି । ସେଥିପାଇଁ ତାଙ୍କ ସହ ବନ୍ଧୁତ୍ୱ ଥାଏ । ସ୍କ୍ରିପ୍ଟରେ ଆମ ସହ ରହିଲେ ପ୍ରକାଶ ବାବୁ । 'ସବିତା'ର ନିର୍ଦ୍ଦେଶନା ସବ୍ୟଦା ନଦେଇ ସାନଭାଇ ଚିଣ୍ଟୁବାବୁଙ୍କୁ ପ୍ରଦାନ କଲେ । ଚିଣ୍ଟୁ ଦା ବଲିଉଡ୍‌ରେ ନିଜ ସିଡ଼ୁଲ୍‌କୁ କାଣ୍ଟଛାଣ୍ଟ କରି ଓଡ଼ିଶା ଆସିଲେ ନିର୍ଦ୍ଦେଶନା ଦେବାପାଇଁ । ବାସ୍ତବରେ ଚିଣ୍ଟୁ ଦା'ଙ୍କଠାରୁ ଚିତ୍ରନାଟ୍ୟ ରଚନାର ଅନେକ କୌଶଳ ମୁଁ ଶିକ୍ଷା କଲି । ସେତେବେଳକୁ ମୁଁ ମହାପାତ୍ର ପରିବାରର ଅନ୍ୟତମ ସଦସ୍ୟ ପାଲଟି ଯାଇଥିଲି । ଶୈଳଶ୍ରୀ ବିହାରରେ ଧାରାବାହିକ କାମ ପାଇଁ ସବ୍ୟଦା ଆଉ ଗୋଟିଏ ଘର ଭଡ଼ା ସୂତ୍ରରେ ନେଲେ । କାମ ଚାଲିଥାଏ ଫୁଲ୍ ଦମ୍‌ରେ । ନିର୍ଦ୍ଦିଷ୍ଟ ସମୟରେ 'ସବିତା'ର ଆପ୍ରୁଭାଲ ଆସିଗଲା । ଚିଣ୍ଟୁଦା' ଓ ସବ୍ୟଦା'ଙ୍କ ସାଥିରେ ସବୁତକ ଏପିସୋଡ୍‌ର ସ୍କ୍ରିପ୍ଟ ମୁଁ ସାରିଦେଲି । କେନ୍ଦୁଝରରେ ଏକ 'ଜୁଆଙ୍ଗ' ଗାଁରେ ଲୋକେସନ୍ ସ୍ଥିର ହେଲା ।

ପ୍ରକାଶ ମିଶ୍ର ଚିଣ୍ଟୁ ଦା'ଙ୍କୁ ଆସିଷ୍ଟ କରୁଥାନ୍ତି । ପ୍ରକାଶ ବାବୁ ପରେ ମୁମ୍ବାଇ ଯାଇ 'ଜୋର୍' ଫିଲ୍ମରେ ସହକାରୀ ନିର୍ଦ୍ଦେଶକ ହିସାବରେ କାମ କଲେ ଓ କବିତା ଲେଖା ଛାଡ଼ି ଫୁଲ୍ ଦମ୍‌ରେ ବଲିଉଡ୍‌ରେ ନିର୍ଦ୍ଦେଶନା ପାଇଁ ସଂଘର୍ଷ ପାଇଁ ବ୍ୟାଙ୍କ ଚାକିରୀ ଛାଡ଼ିଦେଲେ । ଅବଶ୍ୟ ତାଙ୍କ ହିନ୍ଦୀ ପ୍ରୋଜେକ୍ଟଟି ହୋଇପାରିଲା ନାହିଁ । ଏସବୁ ବହୁ ପରବର୍ତ୍ତୀ କଥା ।

ତେବେ ସୁଟିଂ ପୂର୍ବରୁ ଶୀର୍ଷକ ଗୀତ ପ୍ରସ୍ତୁତ ହେଲା । ସଂଗୀତ ନିର୍ଦ୍ଦେଶକ ଗଂଗବତୀ ଫେମ୍ ରମେଶ ମହାନନ୍ଦ । ମାତ୍ର ପାଞ୍ଚ ମିନିଟ୍‌ରେ ମୁଁ ଶୀର୍ଷକ ଗୀତର ମୁଖଡ଼ାଟି ଲେଖି ଦେଲି । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଶୀର୍ଷକ ଗୀତଟି ଥିଲା "ସବିତା ଫୁଲ ନୁହେଁ ସେ ଫଗୁଣ, ଲୁହ ନୁହେଁ ସେ ଶ୍ରାବଣ, ସୁଖଦୁଃଖ ହସକାନ୍ଦର ମିଠା କବିତା" । ଶୀର୍ଷକ ଗୀତଟିକୁ ସ୍ୱର୍ଗତ ଚିତ୍ତଜେନା ଗାଇଥିଲେ । ମୁଁ ଯେ ଭଲ ଗୀତ ଲେଖିପାରେ ଏ ବିଶ୍ୱାସ ମଧ୍ୟ ସବ୍ୟଦା'ଙ୍କର ମୋ ଉପରେ ଆସିଗଲା । ଏ ଶୀର୍ଷକ ଗୀତଟି ବହୁତ ଲୋକପ୍ରିୟ ହୋଇଥିଲା । ଚିତ୍ତ ଜେନାଙ୍କ ସହ ମୋର ପ୍ରଥମ ସଂପର୍କ ।

'ସବିତା'ର ପ୍ରସାରଣ ହେଲା । ପୂର୍ବର ସବୁ ମାନସିକ ଆଘାତର ଅବସାନ ଘଟିଲା ।

ସବିତା ପାଇଁ ସବ୍ୟଦା' ମତେ ସାଢ଼େ ଛଅ ହଜାର ପାରିଶ୍ରମିକ ଦେଇଥିଲେ ଯାହା କି ମୋ ଜୀବନରେ କାମ କ୍ଷେତ୍ରର ପ୍ରଥମ ରୋଜଗାର ଥିଲା । (କ୍ରମଶଃ)

କବିତା.... ଆମ ସମୟର

● ସୈରିନ୍ଧ୍ରୀ ସାହୁ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୬ ସେପ୍ଟେମ୍ବର, ୨୦୨୧

■ ଆଲୋଚନା ■

ଶ୍ରୀ ମହାପ୍ରସାଦ

ବିପିନ ବିହାରୀ ମହାନ୍ତି



କୌଣସି ଦେବ ବା ଦେବୀଙ୍କ ଅର୍ପିତ ଭୋଗକୁ ପ୍ରସାଦ କୁହନ୍ତି। ପ୍ରସାଦ କହିଲେ, ଉଚ୍ଛିଷ୍ଟ ବା ସଙ୍ଗୁଡ଼ିକୁ ବୁଝାଏ। ଉଚ୍ଛିଷ୍ଟ ପାଇବା ମାନେହିଁ ହାତ ଧୋଇବାକୁ ହୁଏ। ଶ୍ରୀ ଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କୁହନ୍ତି। ଏହା ପ୍ରସାଦ ହେଲେ ହେଁ, ଏହା ଉଚ୍ଛିଷ୍ଟ ନୁହେଁ। ଏହାକୁ ଭୋଜନ କରି ହାତକୁ ମୁଣ୍ଡରେ ମାରିବାକୁ ହୁଏ। ମହାପ୍ରସାଦ ଭୋଜନରେ ଛୁଆଁ ଅଛୁଆଁ ବା ଜାତିଆଣ ଗନ୍ଧର ଭାବ ନାହିଁ। ଅଛି ବିଶ୍ୱପ୍ରାଣତା, ମାନବତା, ଐକିକ, ସଂହତି ଓ ମୈତ୍ରୀର ପ୍ରାଣ ପ୍ରାଚୁର୍ଯ୍ୟ। ଏହାକୁ ଆଚଣ୍ଡାଳ ବ୍ରାହ୍ମଣ ଏକତ୍ର ବସି ଭୋଜନ କରନ୍ତି। ଏଣୁ ଯଥାର୍ଥରେ ମହାଲକ୍ଷ୍ମୀ ପୁରାଣରେ ଲେଖାଅଛି :

ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖୁଆ ଖୋଇ ହେବେ,
ସମସ୍ତେ ଖାଇଣ ଜଳେ ହସ୍ତ ନ ଧୋଇବେ।
ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।

ଶ୍ରୀ ଜଗନ୍ନାଥଙ୍କ ପ୍ରସାଦକୁ ଶ୍ରୀ ମହାପ୍ରସାଦ କୁହନ୍ତି। ଏଠାରେ 'ଶ୍ରୀ' କହିଲେ ଲକ୍ଷ୍ମୀ, ସୌନ୍ଦର୍ଯ୍ୟ ବା ସିଦ୍ଧିଯୁକ୍ତ। 'ମହା' କହିଲେ ବଡ଼ପଣିଆ ବା ଶ୍ରେଷ୍ଠତ୍ୱ କଥାକୁ ବୁଝାଏ, ପ୍ରସାଦ କହିଲେ ଠାକୁରଙ୍କ ସଂଖୁଡ଼ି। ମୋଟାମୋଟି ଭାବେ 'ଶ୍ରୀ ମହାପ୍ରସାଦ' ପ୍ରସାଦ ମଧ୍ୟରେ ଶ୍ରେଷ୍ଠତ୍ୱକୁ ବୁଝାଏ। ଯାହାକୁ ଉଚ୍ଛିଷ୍ଟ କୁହାଯାଇ ନପାରେ ଅଥଚ ଯାହାର ସେବନରେ ମୋକ୍ଷଗତି ଅଛି ବୋଲି ବିଶ୍ୱାସ କରାଯାଏ। ଅନେକଙ୍କ ମତରେ ମା' ପ୍ରସାଦରୁ ମହାପ୍ରସାଦ ହୋଇଛି। ମା' କହିଲେ ଏଠାରେ ବିମଳାଙ୍କୁ ବୁଝାଏ। ଜଗନ୍ନାଥଙ୍କୁ ଅର୍ପିତ ଅନ୍ନପ୍ରସାଦ ବିମଳାଙ୍କୁ ସମର୍ପଣ କରାଯାଉଥିବାରୁ, ଏହାକୁ ମହାପ୍ରସାଦ କୁହାଯାଏ। ଆଉ କେତେକଙ୍କ ମତରେ ବେଦ ବିହିତ ଯଜ୍ଞ ବା ଚୁଲିରେ ଏହାକୁ ପାକ କରି ବ୍ରହ୍ମାଙ୍କୁ ଅର୍ପଣ କରାଯାଉଥିବାରୁ ଏହାକୁ ମଧ୍ୟ ମହାପ୍ରସାଦ ଆଖ୍ୟା ଦିଆଯାଇଛି। ଜଗନ୍ନାଥଙ୍କ ପାକଶାଳାର ଷଟ କୋଣାତକ ଚୁଲିକୁ ଅଗ୍ନିଯନ୍ତ୍ର କୁହାଯାଏ। ଏହି ଚୁଲିରେ ଏକ ସମୟରେ ୯ଗୋଟି ହାଣ୍ଡି ବସେ। ନଅ ହେଉଛି ମହାପ୍ରସାଦର ମହାନତା, ମହତ୍ତ୍ୱ: ନବଗଣିତମ୍ : ଗ୍ରନ୍ଥ ଶାରଦା ତିଳକ। ଏହାରମାନେ ହେଲା ୯ ବା ଏହାର ଗୁଣିତକ ଅକ୍ଷର ହେଉଛି ମହାପ୍ରସାଦର ଗୌରବମୟ କଥା ବା କାହାଣୀ।

ମହାପ୍ରସାଦର ଅନ୍ୟନାମଁ: କୈବଲ୍ୟ, ବୌଦ୍ଧ ଧର୍ମରେ ଏହାର ଅର୍ଥ : ଏକୀଭାବ। ଜୈନ ଧର୍ମରେ ଏହା କେବଳୀ ଭାବ, ସଂସ୍କୃତରେ ଏହାର ନାମ କୈବଲ୍ୟ। ଏକୀଭାବ ନେଇ ସେବନ ହେତୁ କୈବଲ୍ୟ। ଏହାର ଏକୀଭାବରେ ସେବନ ହେତୁ ଜୈନ ଓ ବୌଦ୍ଧ ଧର୍ମରେ ନିର୍ବାଣ ପ୍ରାପ୍ତି ଏବଂ ହିନ୍ଦୁମତେ ମୋକ୍ଷପ୍ରାପ୍ତି। ଏକାକଥା। ପୃଥିବୀର କୌଣସି ସ୍ଥାନରେ ଅନ୍ନ ଭୋଜନକୁ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଏକତ୍ର ଖାଇବାର ନଜୀରନାହିଁ। ଏଣୁ ମହାନ ପ୍ରସାଦ। ଆଗରୁ କହିଛି କୌଣସି ଦେବତା ବା ବ୍ରାହ୍ମଣର ପ୍ରସାଦକୁ ମହାପ୍ରସାଦ କୁହାଯାଏନାହିଁ: ପ୍ରସାଦ। କେଉଁଠି ସମସ୍ତେ ଏକାଠି ଭୋଜନ କରନ୍ତି ନାହିଁ କେବଳ ଶ୍ରୀକ୍ଷେତ୍ରରେ :

ବାଇଶି ପାବଛେ ଗଲି ସୁଖେ। କୈବଲ୍ୟ ପସରା ବେନିପାଖେ,
ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରି ଜନ୍ତେ କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ॥

ଏହି କୈବଲ୍ୟ ବା ମହାପ୍ରସାଦ ଦୁଇ ପ୍ରକାର ; ସଙ୍ଗୁଡ଼ି ଓ ନିସଙ୍ଗୁଡ଼ି। ସଙ୍ଗୁଡ଼ି ଭୋଗରେ ଅନ୍ନ ବା ଅଭଡ଼ା, ଘି ଅନ୍ନ, କାନିକା ଓ ଖେଚୁଡ଼ି, ଅଦା ହେଙ୍ଗୁ, କର୍ମରାଇ ଡାଲି, ଡାଲମା, ବେସର, ମହୁର, ଶାଗ ପିଠା ଏବଂ ଖଟା ଇତ୍ୟାଦି ଭୋଗ। ନିସଙ୍ଗୁଡ଼ି ଭୋଗ ମଧ୍ୟରେ ଖଜା, ଗଜା, ଚକୁଳି, ପୁଳି, ନାଡ଼ି, ନଡୁ, ବଡ଼ି ବଢ଼େଇ ଖଜା, ମନୋହର, ଝିଲି, ଆରିଷା, କାକରା ଏବଂ ପୋଡ଼ପିଠା ଆଦି ମୁଖ୍ୟ ଅଟନ୍ତି।

ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତରେ ବର୍ତ୍ତମାନର ମହାପ୍ରସାଦ ବ୍ୟବସ୍ଥା ପରି ବ୍ୟବସ୍ଥା ଯଯାତି କେଶରୀ (ଖ୍ରୀ. ୫୫୨-୫୫୮) କାଳରେ ଆରମ୍ଭ ହୋଇଥିଲା। ତାଙ୍କୁ ମଧ୍ୟ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ କହନ୍ତି। ମାଦଳାପାଞ୍ଜି ମତେ ଭୋଇ ବଂଶର ରାଜା ରାମଚନ୍ଦ୍ର ଦେବ (୧୫୬୮-୧୬୦୦) ସେବକମାନଙ୍କୁ ଲଗାଇ ମହାପ୍ରସାଦ ସଙ୍ଗୁଡ଼ି ଭୋଗ ବ୍ୟବସ୍ଥା କରିଥିଲେ ଯାହା ମୁକୁନ୍ଦ ଦେବଙ୍କ ସମୟରେ କଳା ପାହାଡ଼ ଆକ୍ରମଣ ଯୋଗୁଁ ବନ୍ଦ ହୋଇ ଯାଇଥିଲା। ପରେ ଗଜପତି ନରସିଂହ ଦେବ (ଖ୍ରୀ ୧୬୨୧-୧୬୪୭) ଏହାର ପ୍ରଚଳନ କରିଥିଲେ।

ଶ୍ରୀ ଜଗନ୍ନାଥ ହିଁ ବିଶ୍ୱ ଠାକୁର। ତାଙ୍କଠାରୁ ବଳି ବା କିଏ ଅଛି ? ସେ ହିଁ ଅଚ୍ୟୁତ, ସେ ହିଁ ଅନନ୍ତ ନିତ୍ୟ ବର୍ତ୍ତମାନ କାଳେ କାଳେ। ତେଣୁ ଯଥାର୍ଥରେ ସେ ମହାପ୍ରଭୁ, ସେ ମହାବାହୁ। ତାଙ୍କର ସବୁକିଛି 'ମହା' ଯୁକ୍ତ। ତାଙ୍କ ସମୁଦ୍ରହିଁ ମହୋଦଧି, ତାଙ୍କ ଦାଣ୍ଡ ହିଁ ବଡ଼ ଦାଣ୍ଡ, ତାଙ୍କ କ୍ଷେତ୍ର ହିଁ ମହାନ କ୍ଷେତ୍ର ଶ୍ରୀକ୍ଷେତ୍ର; ସେ ଶ୍ରୀ କ୍ଷେତ୍ର ଠାକୁର, ପୁରୁଷୋତ୍ତମ; ତାଙ୍କ ବାନା ପତିତପାବନ ବାନା, ତାଙ୍କ ପୂଜକ ହିଁ ବଡ଼ ପଣ୍ଡା, ତାଙ୍କ ଦେଶର ନଦୀ ମହାନଦୀ ଏବଂ ସର୍ବୋପରି ତାଙ୍କ ପ୍ରସାଦ ହିଁ ମହାପ୍ରସାଦ। ଏ ପ୍ରସାଦ ମହାଭାବର ପ୍ରତୀକ। ମହାପ୍ରସାଦରୁ ଗୁରୁତ୍ୱ ଦୃଷ୍ଟିରୁ ଏହା ମହାପ୍ରଭୁଙ୍କ ଠାରୁ ଆହୁରି ଉଚ୍ଚରେ। ସେଥିପାଇଁ ପ୍ରଭୁ କହିଛନ୍ତି : ମତେ ପଛେ ନିନ୍ଦ ହେଲେ ମୋ କୈବଲ୍ୟକୁ ନୁହେଁ। ମୋତେ ତଳେ ପକା ପଛେ ହେଲେ ମୋ କୈବଲ୍ୟକୁ ନୁହେଁ। ଏହା ମୋକ୍ଷର ମାର୍ଗ, କାଣିଚାଏ କୈବଲ୍ୟ ପାଇଁ ତେତିଶି କୋଟି ଦେବତାଙ୍କ ଅପେକ୍ଷା ଆଉ ନରାଧମକଥା କହିବ କ'ଣ ?

ମହାପ୍ରସାଦ ମହିମା ଅବର୍ଣ୍ଣନୀୟ। ମହାପ୍ରସାଦ ଖୁଆଇ ବନ୍ଧୁ ବାନ୍ଧନ୍ତି। କଥାରେ ଅଛି ନିଜେ ମହାପ୍ରଭୁ ସ୍ୱହସ୍ତରେ ବନ୍ଧୁ ମହାନ୍ତିଙ୍କୁ ଅଭଡ଼ା ଖୁଆଇଥିବାରୁ ଏହା ବନ୍ଧୁତ୍ୱର ସଜା ନିଦର୍ଶନ। ଏଣୁ କୁହନ୍ତି ଆରେ କେମିତି ବନ୍ଧୁ : ନା' ମହାପ୍ରସାଦ ବନ୍ଧୁ। ମହାପ୍ରସାଦ ହିଁ ସେହି ମହା ଅର୍ଥରେ ମହାନନ୍ଦ, ମହାପ୍ରେମ, ମହାଭାବ ଏବଂ ମହାପବିତ୍ରତା ଆଦିର ପରିଚାୟକ।

ଗଙ୍ଗାରେ ସ୍ନାନକଲେ ମୋକ୍ଷ ହୁଏ ଅଥଚ ମହାପ୍ରସାଦ ଭୋଜନ କଲେ ସମସ୍ତ କୃତ କର୍ମର ପାପନାଶ ସହିତ, ମୋକ୍ଷ ପ୍ରାପ୍ତି ହୁଏ :

ଞ୍ଚ ଅତିପାତକ ପାଣନି ମହାପାପାନି ତାନିତ।
ତାନି ସର୍ବାଣିସ୍ୟନ୍ତି ଜଗନ୍ନାଥାନ୍ନ ଭକ୍ଷଣାତ୍॥ - ବାୟୁ ପୁରାଣ।
ଞ୍ଚ ସର୍ବପାପ ବିନିଯୁକ୍ତଃ ଶୁଦ୍ଧାନ୍ତ କରଣୋ ନରଃ
ସଶୁଦ୍ଧଂ ବୈଷ୍ଣବଂ ସ୍ନାନଂ କ୍ରମାଦ୍ ଯାତି ନ ସଂଶୟ॥ - ସ୍କନ୍ଦ ପୁରାଣ

ମୋକ୍ଷପାଇଁ ଗଙ୍ଗାକୁ ସ୍ନାନ କରିଯିବା ସମସ୍ତଙ୍କ ପାଇଁ ସମ୍ଭବ ନୁହଁ। ଜଗନ୍ନାଥଙ୍କ ମହାପ୍ରସାଦ ସେ ସ୍ଥାନ ପୂରଣ କରିଥାଏ। ଅନ୍ନପ୍ରସାଦ ସର୍ବତ୍ର ନ ମିଳିଲେ ହେଁ ଶୁଖିଲା ସଙ୍ଗୁଡ଼ି ଭୋଗ ସେ ଅଭାବ ପୂରଣ କରେ। ଜଗନ୍ନାଥଙ୍କ ଅନ୍ନଭୋଗ ଶୁଖିଗଲେ ତାକୁ ନିର୍ମାଲ୍ୟ କୁହନ୍ତି। ମଳା ବେଳେ ମୁଖରେ ଗଙ୍ଗାଜଳ ଦେଲାପରି ନିର୍ମାଲ୍ୟ କଣିକାଏ ଦେଲେ ସେ ସ୍ୱର୍ଗପ୍ରାପ୍ତି ହୁଏ। ଏଣୁ କୁହାଯାଏ : ସେ ଆଉ ନୁହନ୍ତି। ତାଙ୍କ ମୁଖରେ ନିର୍ମାଲ୍ୟ ଦିଅ। ଏଥିପାଇଁ ପ୍ରତ୍ୟହ ମହାପ୍ରସାଦ ନମିଳିଲେ ତା' ସ୍ଥାନରେ ସ୍ନାନପରେ ଶୁଦ୍ଧ ଚିତ୍ତରେ କାୟାଶୁଦ୍ଧି ପାଇଁ ଲୋକେ ନିର୍ମାଲ୍ୟ ପାଆନ୍ତି।

ନିର୍ମାଲ୍ୟ ଜଗତୀଶସ୍ୟ ନିଣିତ୍ୟା ଶ୍ଳାନିକଂ ଚେନଂ
ଇତି ସତ୍ୟପ୍ରତି ଦେୟଃ ପ୍ରତ୍ୟହଂ ତତ୍ ଭକ୍ଷୟାତ॥

ଏଥିରୁ ମିଳେ ଯେ ମହାପ୍ରସାଦ ଭକ୍ଷଣପରେ, ଅନ୍ୟକିଛି ଭକ୍ଷଣ ମନା, ପବିତ୍ରତା ମଧ୍ୟରେ ଅସାରତା ଗ୍ରହଣ ସମୀଚୀନ ନୁହେଁ।

କଥାରେ ଅଛି ଯଦି ମହାପ୍ରସାଦକୁ ଚଣ୍ଡାଳ ବା ଶ୍ୱାନ ସ୍ପର୍ଶ କରିଥାଏ, ତାହାକୁ ଅନ୍ୟମାନେ କ'ଣ, ବ୍ରାହ୍ମଣ ପାଇଲେ, ଦେବତାମାନେ ଯେଉଁ ଫଳ ପାଇ ନ ଥା'ନ୍ତି, ତାହା ସେମାନେ ପାଆନ୍ତି :

କୁକୁରସ୍ୟ ମୁଖାଦ୍ ଭ୍ରଷ୍ଟଂ ତଦ୍‌ଗ୍ରାହ୍ୟଂ ନୈବ ତୈରପି
ତସ୍ମା ଭୋଜନଂ ସହସାଂପ୍ରାପ୍ତ ମାତ୍ରେଣ ଭକ୍ଷେୟ ବତ୍
ବିଚରଣାନ କର୍ତ୍ତବ୍ୟା ନ କର୍ତ୍ତବ୍ୟା କଦାଚନ
ସାକ୍ଷାତ୍ ବ୍ରହ୍ମ ସ୍ୱରୂପୋୟଂ ଜଗନ୍ନା ନ ସଂଶୟ॥

ଗଙ୍ଗାଜଳ ଏବଂ ମହାପ୍ରସାଦ ମହାମ୍ୟ ଦୃଷ୍ଟିରୁ ଉଭୟ ସମାନ। ଏହାକୁ ଦର୍ଶନ, ସ୍ପର୍ଶନ ଏବଂ ଆତ୍ମୀକରଣ କଲେ ସକଳ ପାତକ ଦୂର ହୁଏ। ବିଶ୍ୱାସ ଯେ କୋଟିଏ କପିଳାଗାଈ ଦାନକଲେ ଯେଉଁ ଫଳ ମିଳେ, ଜଗନ୍ନାଥଙ୍କ ମହାପ୍ରସାଦ ସେବନ ଦ୍ୱାରା ସେହି ଫଳ ପ୍ରାପ୍ତି ହୁଏ।

ନୀଳାଦ୍ରୀ ମହୋଦୟ ମତେ ଯଦି ଏହି ମହାପ୍ରସାଦ ପିତୃପୁରୁଷଙ୍କୁ ଶ୍ରାଦ୍ଧରେ ଦିଆଯାଏ ବା ଦେବତା ବା ମହର୍ଷିମାନଙ୍କୁ ସମର୍ପଣ କରାଯାଏ ଏବଂ ସେ ତାକୁ ପାଆନ୍ତି, ସେମାନେ ମୁକ୍ତ ହୋଇ ଯାଆନ୍ତି।

ଉପେନ୍ଦ୍ର ଭଂଜଙ୍କ ଭାଷାରେ : ମୁକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷର।

ଏଥିପାଇଁ ମହାପ୍ରସାଦର ମୋହ ସମସ୍ତଙ୍କର ଥାଏ। ଏହାହିଁ କୈବଲ୍ୟ : ନିର୍ବାଣ ମାର୍ଗ: ଏଣୁ ଯଥାର୍ଥରେ ଭକ୍ତର ତୁଣ୍ଡରେ :

ତୁଣ୍ଡେ ନିର୍ମାଲ୍ୟରେ ପ୍ରାଣ ଯାଉ ହେ, ମହାବାହୁ,
ମୋତେ କୈବଲ୍ୟ କଣିକାଏ ହେଉ ହେ ମହାବାହୁ।

+ ଅଧ୍ୟକ୍ଷ: ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

ଧାରାବାହିକ ଉପନ୍ୟାସ

ରାଜନୀତି

ଭାଗ-୬
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା
❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫

ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଆହୁରି ଅନେକ କିଛି କହିବାକୁ ଚାହିଁକି ବି କିଛି କହିପାରିନଥିଲା ମୌସୁମୀ । ସେ ଜାଣୁଥିଲା ଏଥିରେ ବିଜୟାନନ୍ଦବାବୁଙ୍କର କିଛି ଦୂରଭିସନ୍ଧି ଅଛି । ନହେଲେ ଏତେ ଅଭିଜ୍ଞ କର୍ମୀ ଥାଉଁ ଥାଉଁ ଓମ୍‌ଙ୍କୁ କାହିଁକି ବାଛିଥାନ୍ତେ ସେ ! ଏଥିପାଇଁ ତ ଖାଲି ଜୋସ୍ ଦରକାର ନାହିଁ, ଦରକାର ବି ଅଭିଜ୍ଞତା । ବୁଝି ବିଚାରି କାମ ନକଲେ ରାଜନୀତି କରିହୁଏ ନାହିଁ । ଏକଥା ସେ ଭଲଭାବେ ଜାଣିଛି । ହେଲେ ଓମ୍ ବୁଝିଲେ ହେଲା ।

ଓଁକାରନାଥ ମୌସୁମୀକୁ କହିଥିଲେ - ବିଜୟାନନ୍ଦଙ୍କ ଦାୟିତ୍ୱକୁ ଅଯଥାରେ ବୋଝ ବୋଲି ଭାବିବା ଠିକ୍ ହେବନାହିଁ । ଏହାଦ୍ୱାରା ସମ୍ପର୍କ ଆଉ ବିଶ୍ୱାସର କିଛି ମାନେ ରହେନା କି ଉପକାରୀ ବନ୍ଧୁର ଉପକାରର ମୂଲ୍ୟ ରହେନା । ନିଜେ ବିଜୟାନନ୍ଦ ବାବୁ ଆସିଛନ୍ତି । ଆଉ ବି ନିଜ ତରଫରୁ ତାକୁ ଏ ଗୁରୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏକଥା ସିଏ ମନକୁ ମନ କରିନଥିବେ ବରଂ ବହୁ ବିଚାର ବିମର୍ଷ ହୋଇଥିବ ଦଳୀୟ କର୍ମୀଙ୍କ ସହ । ସମସ୍ତଙ୍କର ସହମତି ଥିବ, ଏଇଟା ସାଧାରଣ କଥା ନୁହେଁ । ତେଣୁ ଭାବିବାକୁ ସମୟ ନାହିଁ କି ମୌସୁମୀଙ୍କ ମତର ଆବଶ୍ୟକତା ନଥିଲା ଓଁକାରନାଥଙ୍କ ପାଇଁ । ଆଗପଛ ବିଚାର ନକରି ନିଜର ସମ୍ମତି ଜଣାଇଲେ ଓଁକାରନାଥ ।

କିଛି ଦଳୀୟ କର୍ମୀଙ୍କୁ ସାଂଗେସାଂଗେ ଫୋନ୍ କରି ଡକାଇ ଫଠାଇ ଥିଲେ ବିଜୟାନନ୍ଦ ବାବୁ । ଓଁକାରନାଥଙ୍କ ଘରେ ଏବଂ ତାଙ୍କ ଉପସ୍ଥିତିରେ ବିଚାର ବିମର୍ଷ ଚାଲିଲା । ବିଜୟାନନ୍ଦଙ୍କୁ ବିରୋଧ କରିବାକୁ କେହି ବାହାରିଲେ ନାହିଁ । ସମସ୍ତେ ସବୁକାଳେ ତାଙ୍କୁ ସମର୍ଥନ କରନ୍ତି ବିନା ପ୍ରତିବାଦରେ । ଏଇଟା ବିଜୟାନନ୍ଦଙ୍କର ବିଶେଷ ସଫଳତା । ସମସ୍ତେ ଓଁକାରନାଥଙ୍କ ପରାମର୍ଶ ମାନି ଚଳିବା ପାଇଁ ନିଷ୍ପତ୍ତି ନିଆଗଲା । ପ୍ରତ୍ୟେକ ପଞ୍ଚାୟତରେ ଓଁକାରନାଥ ନେତୃତ୍ୱରେ ସମସ୍ତ କର୍ମୀ ଏକଜୁଟ ହେଉଥିଲେ । ବିଚାର ବିମର୍ଷ ହେଉଥିଲା । କିଏ କେଉଁଠି ପ୍ରାର୍ଥୀ ହେବ, କୋଉଠି କେମିତିକା ରଣନୀତି ପ୍ରୟୋଗ କରାଯିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ ଓଁକାରନାଥ ।

ଏହାପରେ ମଝିରେ ମଝିରେ ପ୍ରାୟତଃ ଓଁକାରନାଥଙ୍କ ଘରକୁ ବେଳଅବେଳରେ ପଶି ଆସୁଥିଲେ ବିଜୟାନନ୍ଦ । କେତେବେଳେ ଓଁକାରନାଥଙ୍କ ଉପସ୍ଥିତିରେ ତ କେତେବେଳେ କେହିନଥିବା ବେଳେ । ଏଥର ମୌସୁମୀ ନମସ୍କାର ପ୍ରତିବଦଳରେ ହାତ ଯୋଡନ୍ତି ନାହିଁ ବରଂ ବିଜୟାନନ୍ଦ ହାତ ବଢେଇ ହାତ ମିଳେଇବାର ନିମନ୍ତ୍ରଣ କରନ୍ତି ସମସ୍ତଙ୍କ ସମ୍ମୁଖରେ । କୁଣ୍ଠିତା ମୌସୁମୀ ଓମ୍‌ଙ୍କ ଇସାରାରେ ହାତ ବଢାଏ । କପଟୀ ବିଜୟାନନ୍ଦ ବେଳେବେଳେ ହାତକୁ ହାତରେ ଥୋଇ ହାଲ୍‌କା ଚାପ ଦିଅନ୍ତି । ମୌସୁମୀ ଭିତରେ ଭିତରେ ଆଲ୍ତାମାଲ୍ତା ହୋଇଯାଏ । କିନ୍ତୁ ହାତ ଖସେଇ ଆଣିପାରେନା କି ଆଖିରେ ବିରକ୍ତି ଭାବ ଫୁଟେଇ ପାରେନା ବରଂ ସୌଜନ୍ୟମୂଳକ ହସଟିଏ ହସେ । ସେମାନଙ୍କ ପାଇଁ ଚା' ଜଳଖିଆର ବ୍ୟବସ୍ଥା କରୁକରୁ କେତେବେଳେ କେମିତି ବିଜୟାନନ୍ଦଙ୍କ ଅନୁରୋଧରେ ସେଠାରେ ବସେ । ରାଜନୀତି ପ୍ରତି ଆକର୍ଷଣ ନଥିଲେ ବି ପାଟିରୁ କିଛି ଶବ୍ଦ ଖସିଆସେ ଆଲୋଚନା ପ୍ରସଙ୍ଗରେ । ସେ ଶବ୍ଦକୁ କେବେ ବି ତଳେ ପଡିବାକୁ ଦିଅନ୍ତିନି ବିଜୟାନନ୍ଦ । କହନ୍ତି - ରାଜନୀତିରେ ସିନା ମାଡାମ୍‌ଙ୍କର ଇଣ୍ଟ୍ରେଷ୍ଟ ନାହିଁ, କିନ୍ତୁ ରାଜନୀତି ପ୍ରତି ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ରହିଛି ।

ମୌସୁମୀ ବୁଝେ ଏସବୁ ବିଜୟାନନ୍ଦଙ୍କର ଗୋଟେ ରାଜନୀତିଆ ଚାଲ୍ । ଯେତେ କହିଲେ ବି ଓମ୍ କିନ୍ତୁ ବୁଝିବାକୁ ନାରାଜ । କହନ୍ତି, ତୁମର ସବୁବେଳେ ସନ୍ଦେହୀ ମନ । ତମକୁ ଗୁରୁତ୍ୱ ଦେଲେ ମୋର ଗୁରୁତ୍ୱ ବଢିବ ସିନା; ତାଙ୍କର ଲାଭ କଣ ? ପ୍ରକୃତରେ ତୁମ କଥାର ଗୋଟେ ସ୍ୱତନ୍ତ୍ର ଓଜନ ଅଛି ସୁମୀ ।

ଓଜନ ଅଛି ତ ତାକୁ ତମେ କାହିଁକି ଗୁରୁତ୍ୱ ଦେଇନ ଆଜିଯାଏ ? କହୁ କହୁ ଅଟକି ଯାଏ ମୌସୁମୀ । ଭାବି ପାରେନା କେମିତି ଏ ଲୋକଟିକୁ ବୁଝାଇବ । ପୁରୁଷଟିକୁ ଦିଶୁ ନଦିଶୁ, କିନ୍ତୁ ପୁରୁଷର ମତଲବ ନାରୀକୁ ଝାପ୍‌ସା ହେଉପଛେ ଦିଶେ । ବିଜୟାନନ୍ଦ ସେମିତି ଗୋଟେ ମତଲବୀ ମଣିଷ । ବିନା ମତଲବରେ ଶବ୍ଦଟିଏ ବି ଅଧିକା ଖସେନାହିଁ । କିନ୍ତୁ ସବୁ ଜାଣି କିଛି ନଜାଣିବା ଓ ସବୁ ବୁଝି କିଛି ନବୁଝିପାରିବାର ଛଳନା ଭିତରେ ମୌସୁମୀ ଓଁକାରନାଥଙ୍କ ଆଦର୍ଶ ପତ୍ନୀ ଭାବେ ଦିନକାଟେ । ଭାବେ ଏ ନିର୍ବାଚନ ସରିଗଲେ ଗୋଟେ ବୋଝ ଓହ୍ଲେଇଯିବ ମୁଣ୍ଡରୁ । ମୁକ୍ତି ମିଳିଯିବ ବିଜୟାନନ୍ଦଙ୍କ ଅଶ୍ୱସ୍ତି ଭରା ଚାହାଣୀରୁ, ତାଙ୍କ ହାତର ହାଲ୍‌କା ଚାପରୁ, ତାଙ୍କ କଥାର ତୀର ମାଡରୁ । ବେଳେବେଳେ କିଛି ଗୋଟେ ଗୁପ୍ତ କଥାକହିବା ବାହାନାରେ ତା' କାନରେ ଗରମ ନିଃଶ୍ୱାସର ଧାସକୁ ଛୁଆଁଇ ଦିଅନ୍ତି ବିଜୟାନନ୍ଦ ।

ଉତ୍‌କ୍ଷିପ୍ତ ହୋଇଉଠେ ମୌସୁମୀ । ମାନସିକ ଭାବେ ଅଶ୍ୱସ୍ତି ଅନୁଭବ କରେ ସେ । ହେଲେ ନିରବରେ ସହିବା ଛଡା ଅନ୍ୟ ଉପାୟ ନାହିଁ ।

ସେ ଦିନ ଜିଲ୍ଲା କାର୍ଯ୍ୟାଳୟରେ ସବୁ ପଞ୍ଚାୟତର ପ୍ରାକ୍ ନିର୍ବାଚନ ପ୍ରକ୍ରିୟାର ପ୍ରସ୍ତୁତି ପର୍ବ ପାଇଁ ଦଳୀୟକର୍ମୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଆଉ ସେହି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ତାହା ଥିଲା ଜିଲ୍ଲା ପରିଷଦର ସଭାପତି ପ୍ରାର୍ଥୀ ପାଇଁ ଦଳ ତରଫରୁ ଓଁକାରନାଥଙ୍କ ପତ୍ନୀ ମୌସୁମୀଙ୍କୁ ପ୍ରାର୍ଥୀ କରାଯିବ।

ଏକଥା ଶୁଣୁଶୁଣୁ ଚମକି ପଡିଥିଲେ ଓଁକାରନାଥ । ସେ ଜାଣନ୍ତି ମୌସୁମୀ ଏଥିରେ କେବେହେଲେ ରାଜି ହେବେନାହିଁ। ରାଜନୀତିକୁ ତାଙ୍କର ଆକଣ୍ଠ ଘୃଣା । ସବୁବେଳେ ରାଜନୀତି ବିରୁଦ୍ଧରେ କହିବା ତାଙ୍କର ସ୍ୱଭାବ । ସିଏ ପ୍ରାର୍ଥୀ ହେବ ? ପୁଣି ଜିଲ୍ଲା ପରିଷଦର ସଭାପତି ପଦ ପାଇଁ ? ସମ୍ଭବ ନୁହେଁ । ସେ କିଛି କହିବା ପୂର୍ବରୁ ବିଜୟାନନ୍ଦ ବାବୁ ଓଁକାରନାଥଙ୍କୁ କହିଥିଲେ, ଏକା ଆପଣ ହିଁ ମୌସୁମୀକୁ ମନେଇ ପାରିବେ । ମୁଁ ଯେତେଥର ଆପଣଙ୍କ ଘରକୁ ଯାଇଛି ଦେଖିଛି ଆପଣଙ୍କ ପ୍ରତି ଥିବା ତାର ଗଭୀର ଆସ୍ଥା ଓ ବିଶ୍ୱାସକୁ ।

ଓଁକାରନାଥ କିଛି କହିନପାରିଲେ ବି ଆସନ୍ନ ଭବିଷ୍

କବିବର ରାଧାନାଥ ରାୟ

ଡଃ ମାଙ୍ଗଳିକା ମହାପାତ୍ର



(ଆଧୁନିକ ଓଡ଼ିଆ ସାହିତ୍ୟର ବିଶ୍ୱକର୍ମା)

କବିବର ରାଧାନାଥ ରାୟ (୧୮୪୮ - ୧୯୦୮) ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ସ୍ରଷ୍ଟା ଭାବେ ସମ୍ମାନିତ । ସାହିତ୍ୟ - ସଂସ୍କୃତିର ଅନୁପ୍ରେରଣାରେ ଯେଉଁ ନବ ଯୁଗର ଆବିର୍ଭାବ ଘଟିଥିଲା, ରାଧାନାଥ ଥିଲେ ସେହି ନବଯୁଗର ଆଦ୍ୟ ସ୍ରଷ୍ଟା ।

୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଲେଶ୍ୱର ଜିଲ୍ଲା ସୋର ପାଖ କେଦାରପୁର ଗ୍ରାମରେ ରାଧାନାଥଙ୍କ ଜନ୍ମ । ପିଲାଟି ଦିନରୁ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଥିଲେ ରାଧାନାଥ । ବାଲ୍ୟକାଳରୁ ହିଁ ମା' ଙ୍କୁ ହରାଇଥିଲେ ସେ । ଶାରୀରିକ ଅସୁସ୍ଥତା ତାଙ୍କ ପାଠପଢ଼ା ଇଚ୍ଛାକୁ କେବେ ଅଟକାଇ ପାରିନଥିଲା ।

ରାଧାନାଥ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲିକତା କୁ ଏଫ୍. ଏ ପଢିବାକୁ ଗଲେ । ରାଧାନାଥ ସେ ସମୟରେ ଏଣ୍ଟ୍ରାନ୍ସ ପାସ୍ କରିଥିଲେ । ତତ୍କାଳୀନ ପରିପ୍ରେକ୍ଷୀରେ ତାହା ହିଁ ଥିଲା ସର୍ବୋଚ୍ଚ ଶିକ୍ଷା । କଲିକତାରେ ସ୍ୱାସ୍ଥ୍ୟହାନି ଘଟିବାରୁ ଉଚ୍ଚଶିକ୍ଷାକୁ ଜଳାଞ୍ଜଳି ଦେଇ ତାଙ୍କୁ ଫେରି ଆସିବାକୁ ହେଲା । କିଛି ଦିନ ପରେ ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାସିକ ତିନି ଶହ ଟଙ୍କା ବେତନରେ ତୃତୀୟ ଶିକ୍ଷକ ଭାବରେ ନିଯୁକ୍ତ ହେଲେ । କଲେଜରେ ପଢ଼ିବା ସୁବିଧା ନ ହେବାରୁ ସେ ନିଜ ପ୍ରଚେଷ୍ଟାରେ ଘରେ ପାଠ ପଢ଼ି ଏଫ୍ ଏ ପାସ କରିଥିଲେ । ତତ୍କାଳୀନ ବିଖ୍ୟାତ ପଣ୍ଡିତ ସଦାଶିବ ନନ୍ଦଙ୍କ ପାଖରେ ରାଧାନାଥ, ଫକୀରମୋହନଙ୍କ ସହିତ ସଂସ୍କୃତ କାବ୍ୟ ନାଟକ ଆଦି ଅଧ୍ୟୟନ କରି ସେଥିରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ ।

ନଅଙ୍କ ଦୁର୍ଭିକ୍ଷ (୧୮୬୬) ପରେ ପାଶ୍ଚାତ୍ୟ ଶିକ୍ଷା ସାହିତ୍ୟ - ସଂସ୍କୃତର ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ ଯେଉଁ ନବଯୁଗର ଆବିର୍ଭାବ ଘଟିଥିଲା, ରାଧାନାଥ ଥିଲେ ସେହି ନବଯୁଗର ଆଦ୍ୟ ସ୍ରଷ୍ଟା । ସେ ପ୍ରଥମେ ବଙ୍ଗଳାରେ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ପରେ ବିଶିଷ୍ଟ ଶିକ୍ଷାବିତ୍ ଭୂଦେବ ମୁଖୋପାଧ୍ୟାୟଙ୍କ ପରାମର୍ଶ କ୍ରମେ ସେ ବଙ୍ଗଳା ଛାଡ଼ି ଓଡ଼ିଆ ଭାଷାକୁ ନିଜର ଭାବପ୍ରକାଶର ମାଧ୍ୟମ ଭାବେ ଗ୍ରହଣ କରିଥିଲେ ।

ବିଶିଷ୍ଟ ସମାଲୋଚକ ଡକ୍ଟର ନଟବର ସାମନ୍ତଙ୍କ ଭାଷାରେ ସେ ଥିଲେ 'ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ'... ଏପରି କୁହାଯିବାର ଅର୍ଥ ହେଉଛି , ରାଧାନାଥ ଓଡ଼ିଆ ସାହିତ୍ୟରେ ନବ ଜାଗରଣ ଆଣିଥିଲେ । ପାଶ୍ଚାତ୍ୟ ସାହିତ୍ୟ ସହ ଓଡ଼ିଆ ସାହିତ୍ୟର ମହାମିଳନ କରାଇଥିଲେ ରାଧାନାଥ ।

ରୋମାଣ୍ଟିକ, ମିଥ୍, ଟ୍ରାଜେଡି ଭଳି ପାଶ୍ଚାତ୍ୟ ସାହିତ୍ୟର ଅଂଶକୁ ନେଇ ଓଡ଼ିଆ ସାହିତ୍ୟ ରଚନାରେ ସେ କରିପାରିଥିଲେ ମୂଳମନ୍ତ୍ର । ଓଡ଼ିଆ ଗଦ୍ୟରେ' ବିବେକୀ' ଲେଖି ସେ ଯଶସ୍ୱୀ ହୋଇଛନ୍ତି । ବିବେକୀ କୁ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ବୋଲି କୁହାଯାଏ ।

ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ବିଭାଗ ପ୍ରତି ଦୃଷ୍ଟି ଦେଇଥିଲେ କବିବର ରାଧାନାଥ ରାୟ । ତାଙ୍କ ସୌନ୍ଦର୍ଯ୍ୟ ବୋଧ, ହୃଦପ୍ରାଣ, ଚିନ୍ତା ଚେତନା ଓଡ଼ିଆ ପରମ୍ପରାକୁ ନୂତନ ଦିଗଦର୍ଶନ ଦେଇଥିଲା । ଓଡିଶାର ମାଟି, ପାଣି, ପବନ ସହ ସମ୍ପର୍କ ରଖି ସେ ପାଶ୍ଚାତ୍ୟ ସାହିତ୍ୟ ରଚନା କରିଥିଲେ । କିନ୍ତୁ ତାଙ୍କର ବଡ କଥା ହେଉଛି ପ୍ରକୃତି ଚିତ୍ରଣରେ ନୂତନତା । ପ୍ରକୃତି ଭିତରେ ମାନବିକ ଗୁଣକୁ ଆରୋପ କରିବାରେ ରାଧାନାଥ ହେଉଛନ୍ତି ଓଡ଼ିଶାର ପ୍ରଥମ ଏ୍ୱଂ ଭାରତ ବର୍ଷର ଜଣେ ଶ୍ରେଷ୍ଠ କବି, ଏଥିରେ କିଛି ସନ୍ଦେହ ନାହିଁ, କହିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ର ।

କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ପ୍ରତିଭା । ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ଓ ଅଭିବୃଦ୍ଧି କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ପ୍ରତି କୃତଜ୍ଞ ରହିଥିବ । ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ କ୍ଷେତ୍ରର ତାଙ୍କର ଅବଦାନ ଅବିସ୍ମରଣୀୟ । ମଧ୍ୟଯୁଗୀୟ କାବ୍ୟ ପରମ୍ପରାକୁ ଅତିକ୍ରମ କରି ଓଡ଼ିଆ କାବ୍ୟ ରଚନା କ୍ଷେତ୍ରରେ ଆଧୁନିକତାର ସ୍ପର୍ଶ ଦେଇ କବିବର ଏକ ବିପ୍ଳବର ସୂତ୍ରପାତ କରିଥିଲେ ।

କବିବର ରାଧାନାଥ ରାୟ ସାବଲୀଳ ଭାଷାରେ ଏବଂ ନୂତନ ଶୈଳୀରେ କବିତା ରଚନା କରୁଥିଲେ । ଓଡିଶାର ପାଣି ପବନ ସହ ସେ ପାଶ୍ଚାତ୍ୟ ଚେତନାକୁ ଏପରି ଭାବରେ ମିଶାଇ ଦେଇଥିଲେ ଯେ ସେଭଳି କେବଳ ରାଧାନାଥ ହିଁ କରିପାରନ୍ତି । ସେ କେଦାର ଗୌରୀ କାବ୍ୟ ହେଉ ବା ଚନ୍ଦ୍ରଭାଗା କାବ୍ୟ, ସେ ସବୁ ପଶ୍ଚିମ କାବ୍ୟରୁ ଆହରିତ ହୋଇଛି । ଏଥି ସହିତ ଓଡ଼ିଆ ସାହିତ୍ୟକୁ ବ୍ୟଙ୍ଗଧାରା ମଧ୍ୟ ସେ ପ୍ରଦାନ କରିଛନ୍ତି । ତାଙ୍କ ରଚିତ' ଦରବାର' କାବ୍ୟ ଏକ ବ୍ୟଙ୍ଗଧର୍ମୀ କାବ୍ୟ । ବହୁ ଭାବରେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ରାଧାନାଥ । ବହୁ ବିୟୋଗାତ୍ମକ କାବ୍ୟ ଆମକୁ ଭେଟି ଦେଇଛନ୍ତି କବିବର ।

ବାଲ୍ୟକାଳରୁ ଓଡିଶାର ଭାଷା ମାଟି ପାଣି ପବନ ପ୍ରତି ରାଧାନାଥଙ୍କର ଥିଲା ଅଦମ୍ୟ ଆକର୍ଷଣ । ଚାକିରୀ ଜୀବନରେ ବିଭିନ୍ନ ସ୍ଥାନରେ ବୁଲିବାର ସୁଯୋଗ ସେ ପାଇଥିଲେ । ଲେଖନୀ ମୁନରେ ସେହି ସ୍ଥାନଗୁଡ଼ିକର ପ୍ରାକୃତିକ ଶୋଭାକୁ ଆହୁରି ମହିମା ମଣ୍ଡିତ କରିଛନ୍ତି । ରାଧାନାଥ ସାଧନ କବିରୁ ପାଲଟିଛନ୍ତି ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ।

ରାଧାନାଥ ଥିଲେ ଯୁଗଜ୍ୟୋତି ପଣ୍ଡିତ ପ୍ରବର, ସର୍ବୋପରି କବିବର ଉପାଧିରେ ମଣ୍ଡିତ ଜଣେ ଯୁଗଜନ୍ମା ସାଧକ । ଓଡ଼ିଆ ଭାଷା ସାହିତ୍ୟରେ ଆଣିଥିଲେ ନବ ଜାଗରଣ । ଗୋଟିଏ ନିଷ୍ପାଣ ଜାତିକୁ କଲେ ସ୍ପନ୍ଦିତ, ଉଦ୍ ବେଳିତ । ପ୍ରକୃତି, ପ୍ରେମ, ଜାତୀୟତା ବୋଧକୁ ନେଇ ତାଙ୍କ ସାହିତ୍ୟ ହେଲା ମାଧୁର୍ଯ୍ୟ ମଣ୍ଡିତ । ରାଧାନାଥ ରାୟଙ୍କ ରଚନା ମଧ୍ୟରେ ଚନ୍ଦ୍ରଭାଗା, ଚିଲିକା, ମହାଯାତ୍ରା, ଉଷା, ପାର୍ବତୀ, କବିତାବଳୀ, ଦରବାର, କେଦାରଗୌରୀ, ନନ୍ଦିକେଶ୍ୱରୀ, ଯଯାତିକେଶରୀ ଏବଂ କାଳିଦାସଙ୍କ ' ମେଘଦୂତ' ର ଓଡ଼ିଆ ଅନୁବାଦ ଆଦି ଅନ୍ୟତମ ।

ରାଧାନାଥ ରାୟଙ୍କ ସାହିତ୍ୟ ସେବାର ଓ ଉତ୍କଳର ଶିକ୍ଷା ପ୍ରତି ସ୍ପୃହାର ପୁରସ୍କାର ସ୍ୱରୂପ ଗଭର୍ଣ୍ଣ ମେଣ୍ଟ ତାଙ୍କୁ ' ରାୟ ବାହାଦୂର' ଉପାଧିରେ ଭୂଷିତ କରିଥିଲେ । ଗଡ଼ଜାତ ଭ୍ରମଣରୁ ଫେରି ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ସେ ୧୯୦୮ ମସିହା ଏପ୍ରିଲ ୧୭ ତାରିଖରେ ମାତ୍ର ୬୦ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ ।

+ ରେଭେନସା ବିଶ୍ୱବିଦ୍ୟାଳୟ

ପ୍ରେମରେ ପ୍ରେମରେ ଗୀତି ....(୧୯)

■ ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

॥ ଖେଳୁଛି ପ୍ରିୟା ଦୋଳି ॥

ପୂରୁବ ଦିଗେ ବଉଦ ଖଣ୍ଡ
ଯେବେ ବାନ୍ଧଇ ମେଳି
ଲାଗଇ ମୋତେ ସଖୀଙ୍କ ମେଳେ
ଖେଳୁଛି ପ୍ରିୟା ଦୋଳି ।

ବିଜୁଳି ଯେବେ ଉଠେ ଚମକି
ଲାଗେ କି ପ୍ରିୟା ବୁଜିଛି ଆଖି
କି ଶୋଭା ତା'ର ଆଉ
ଛାତିରୁ କିବା ଖସିଲା ଲୁଗା
ପ୍ରିୟା ଫୁଙ୍ଗୁଳା ଦେହୁ,
ନୀଳ ଗଗନେ ଉଡୁଛି ପ୍ରିୟା
ଭିଜା ପଣତ କାନି ।

ନୀଳ ଆକାଶେ ବଉଦ ଦେଦଖି
ପଡଇ ମନେ ମୋ ପ୍ରିୟା ଆଖି
ଲୁହେ ଯାଇଛି ଭିଜି
ବିରହେ ବସି ଭାବୁଛି ସିଏ
ବରଷି ଯିବ ଆଜି
ରୁଷିଲେ ସିଏ କାହାର ନୁହେଁ
ଘଡଘଡିଠୁ ବଳି ।

କଥା କିଞ୍ଚିତ

■ ବୀଣାପାଣି ମହାନ୍ତି

ବାର୍ତ୍ତା ପ୍ରତି ଲେଖକ ବରାବର ଉଦାସୀନ ଥାଏ

"ଆଜି ଆମ ସାହିତ୍ୟରେ ଯୁବ ଓ ତରୁଣ ଲେଖକମାନେ କାହାର ଉପଦେଶ ଶୁଣି ଲେଖୁନାହାନ୍ତି । ଉପଦେଶ ଦେବା ଲେଖକର କାର୍ଯ୍ୟ ବୋଲି ମୁଁ ଭାବୁନାହିଁ । ଜଣେ ପ୍ରତିଜ୍ଞାବଦ୍ଧ ଲେଖକଙ୍କୁ 'ଏଣିକି ଯାଅନା', 'ସେଇଠି ବସ', 'ଆଗରେ ବିପଦ ଅଛି' କହିଲେ ସେମାନେ କଣ ଶୁଣିବେ ? ଆଜି 'ଜେନେରେସନ ଗ୍ୟାପ୍' ସମ୍ବନ୍ଧରେ ନାନା ଆଲୋଚନା ଚାଲିଛି । ଏହା ସବୁ ଯୁଗରେ ଥିଲା, ରହିଛି, ରହିବ ମଧ୍ୟ । କେବଳ ସୃଷ୍ଟି ମାଧ୍ୟମରେ ଏହି ଗ୍ୟାପ୍‌କୁ ଆମେ ଦୂର କରିପାରିବା । ଲେଖକର ଅନୁଭୂତି, ଅନ୍ତର୍ଦୃଷ୍ଟି ଓ ସଂବେଦନଶୀଳତା ହିଁ ସମାଜ ପାଇଁ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିପାରିବ ।"

ଲେଖକର ବାର୍ତ୍ତା ସମ୍ବନ୍ଧରେ ବହୁ ପ୍ରଶ୍ନ, ବାଦ ବିବାଦ ବିଭିନ୍ନ ଯୁଗରେ ଉଠିଛି । ଆଜି ଯାହାକୁ ଆମେ ଉତ୍ତର ଆଧୁନିକ ଯୁଗ କହୁଛୁ ସେଥିରେ ମଧ୍ୟ ଲେଖକକୁ ଭବିଷ୍ୟତ ପୀଢ଼ି ପାଇଁ ଗୋଟିଏ ବାର୍ତ୍ତା ପାଇଁ ଅନୁରୋଧ କରାଯାଉଛି ।

ମୁଁ ଏ ପ୍ରଶ୍ନକୁ ବହୁବାର 'ସାକ୍ଷାତକାର'ରେ ଦେବାକୁ ବାଧ୍ୟ ହୋଇଛି । ସେଇ ଏକଇ ପ୍ରଶ୍ନ, ସେଇ ଗୋଟିଏ ଉତ୍ତର । କେବଳ ଲେଖକର ଶବ୍ଦ ଚାତୁରୀ ବିଭିନ୍ନତାକୁ ସୂଚାଇ ଥାଏ କିନ୍ତୁ ଭାବ ଚେତନାରେ ପରିବର୍ତ୍ତନ ନଥାଏ ।

ବ୍ୟକ୍ତିଗତ ଭାବରେ ମୁଁ ବିଶ୍ୱାସ କରେ ଯେ ଲେଖକର ବକ୍ତବ୍ୟ, ଯାହା ତାର ସର୍ଜନାରେ ଗୁପ୍ତ ବା ମୁକ୍ତ ଭାବରେ ଥାଏ ତାହା ପାଠକମାନଙ୍କ ପାଇଁ ବାର୍ତ୍ତା । ପାଠକ ବା ଯୁବ ପିଢ଼ୀର ଲେଖକମାନେ ତାକୁ ଗ୍ରହଣ କରି ପାରନ୍ତି ବା ନପାରନ୍ତି, ସେଥିପ୍ରତି ଲେଖକ ସର୍ବଦା ଉଦାସୀନ ଥାଏ । ତାର ଲେଖକୀୟ ଚାତୁରୀ ସେଇଠି ହାର ମାନେ ଯେବେ ତାହା ପାଠକ ଓ ଅନ୍ୟ ଲେଖକଙ୍କ ମନରେ ଅର୍ନ୍ତଚେତନାରେ ଆନ୍ଦୋଳନ ସୃଷ୍ଟି ନକରେ । ଏପରି ଅନେକ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟକ ଶହ ଶହ ସଂଖ୍ୟାରେ ଆମ ସାହିତ୍ୟରେ ରହିଛନ୍ତି ଯାହା ତାଲିକା ଅନ୍ତର୍ଭୁକ୍ତ । ମାତ୍ର ତାର ପ୍ରଭାବ କିଛି ଜନ ଚେତନାରେ ନାହିଁ । ଲେଖକ ହାତରେ ଅଛି କଣ ? ଗୋଟେ କଲମ ମାତ୍ର । ଏକଦା ଫରାସୀ ବିପ୍ଳବ ଓ ରୁଷ ବିପ୍ଳବ ଏବଂ ଅନେକ କୁପ୍ରଥାର ଉଚ୍ଛେଦ ମଧ୍ୟ ଏଇ କଲମ ମାଧ୍ୟମରେ କରାଯାଇଛି । ଖୁବ୍ କ୍ୱଚିତ୍ ଲେଖକ ତରବାରୀ ଧରି ରଣାଙ୍ଗନରେ ପ୍ରବେଶ କରିଛି, ମାତ୍ର ତାର ସୃଷ୍ଟି ସବୁ ଅସ୍ଥିର ସଂକଟ ମୁହୂର୍ତ୍ତରେ ସମାଜ ଓ ସଂଗ୍ରାମୀଙ୍କୁ ସଚେତନ ସବଳ କରିବାରେ ଭୂମିକା ଗ୍ରହଣ କରିଛି । ପ୍ରତିଶ୍ରୁତିବଦ୍ଧ ଲେଖକ ଜାଣେ ଯେ ସେ ନିଜ ଖୁସି ପାଇଁ ଲେଖୁନାହିଁ, ଲେଖୁଛି ସମାଜ, ବ୍ୟକ୍ତି ଓ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ । କୌଣସି ପ୍ରଲୋଭନରେ ସେ ଆକୃଷ୍ଟ ହୁଏ ନାହିଁ, କୌଣସି ନିର୍ଯ୍ୟାତନାରେ, ଫତୁଆ, ମୃତ୍ୟୁଦଣ୍ଡ ବା ଦେଶାନ୍ତର ହେବାର ଭୟରେ ସେ ନିଜ ପଥରୁ ଓହରି ଯାଏ ନାହିଁ । ସମାଜ ଓ ବ୍ୟକ୍ତି ଜୀବନରେ ବିଶୃଙ୍ଖଳା ଓ ମୁକ୍ତି ଆଣିବା ପାଇଁ କଲମ ଚଳାଉଥିବା ଲେଖକ ପ୍ରତିଦାନର ଆଶା ରଖିନଥିବାରୁ ସେ ଅନ୍ତଃକରଣରେ ସର୍ବଦା ମୁକ୍ତ ଥାଏ । ପୃଥିବୀର ଇତିହାସରେ ଏହିପରି ଅସଂଖ୍ୟ ଲେଖକଙ୍କର ନାମ ଲିପିବଦ୍ଧ ହୋଇ ରହିଛି ।

ଆଜି ଆମ ସାହିତ୍ୟରେ ଯୁବ ଓ ତରୁଣ ଲେଖକମାନେ କାହାର ଉପଦେଶ ଶୁଣି ଲେଖୁନାହାନ୍ତି । ଉପଦେଶ ଦେବା ଲେଖକର କାର୍ଯ୍ୟ ବୋଲି ମୁଁ ଭାବୁନାହିଁ । ଜଣେ ପ୍ରତିଜ୍ଞାବଦ୍ଧ ଲେଖକଙ୍କୁ 'ଏଣିକି ଯାଆନା', 'ସେଇଠି ବସ', ଆଗରେ ବିପଦ ଅଛି କହିଲେ ସେମାନେ କଣ ଶୁଣିବେ ? ଆଜି 'ଜେନେରେସନ ଗ୍ୟାପ' ସମ୍ବନ୍ଧରେ ନାନା ଆଲୋଚନା ଚାଲିଛି । ଏହା ସବୁ ଯୁଗରେ ଥିଲା, ରହିଛି, ରହିବ ମଧ୍ୟ । କେବଳ ସୃଷ୍ଟି ମାଧ୍ୟମରେ ଏହି ଗ୍ୟାପ୍‌କୁ ଆମେ ଦୂର କରିପାରିବା । ଲେଖକର ଅନୁଭୂତି, ଅର୍ନ୍ତଦୃଷ୍ଟି ଓ ସଂବେଦନଶୀଳତା ହିଁ ସମାଜ ପାଇଁ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିପାରିବ ।

ତେଣୁ ଅଯଥା ବାର୍ତ୍ତା ଦେଇ ବା କୌଣସି ମତବାଦ ଉପରେ ବକ୍ତୃତା ଦେଇ ବା ପ୍ରଶାସନର ନୟର ନୟର ଦଫା ଓ କଟୁ ନଜରରେ ରଖି କେହି ଆଗାମୀ ଲେଖକଙ୍କୁ, ସମାଜକୁ ଭାରାକ୍ରାନ୍ତ କରିବା ଉଚିତ ନୁହେଁ ।

+ ବାଦାମବାଡି, କଟକ-୧୨

॥ କାଜୀ ଦା କୋଟ୍ ॥

ମୋହିନ୍ଦର୍ ସିଂହ ସରନା
(୧୯୨୩-୨୦୦୧)

ସ୍ୱଚ୍ଛ ଦିବାଲୋକ ହେଉ କିବା ରାତିର ଘନ ଅନ୍ଧକାର, ରାସ୍ତା କଢ଼େଇବା ପାଇଁ ନିଜ ଭିତରେ ଆଲୁଅଟିଏ ଥିବା ଆବଶ୍ୟକ । ସେତକ ନଥିଲେ ମଣିଷ ଅମଡ଼ା ମାଡ଼ିଯାଏ । କିନ୍ତୁ ବେଳେ ବେଳେ ସେଇ ଭିତରର ଆଲୁଅଟି ଜଳିଉଠେ । ମଣିଷକୁ ସତ୍‌ପଥରେ ଚାଲିବାର ପ୍ରେରଣା ଦିଏ । ଆଉ ସୂର୍ଯ୍ୟରଶ୍ମି କିମ୍ବା ଲଣ୍ଠନ ଆବଶ୍ୟକ ହୁଏନା । ଯେମିତି ସେଦିନ ଘନ ଅନ୍ଧକାର ଭିତରେ ଜ୍ୟୋତି ଜଳିଉଠିଥିଲା 'କାଜୀ ଦା କୋଟ୍', ପ୍ରଖ୍ୟାତ୍ ପଞ୍ଜାବୀ କଥାକାର ମୋହିନ୍ଦର ସିଂହ ସରନାଙ୍କ ଗଳ୍ପରେ ।

'କାଜୀ ଦା କୋଟ୍' ଗାଁଟି ପାକିସ୍ଥାନ ପଟେ ରହିବାରୁ ସେଠିକା ହିନ୍ଦୁ ଓ ଶିଖ୍ ସମ୍ପ୍ରଦାୟ ସେଠାରେ ରହିବାର ଅଧିକାର ହରାନ୍ତି । ଦିନେ ଲୁଟ୍, ହତ୍ୟା, ପୋଡ଼ାଜଳା କରି ସନ୍ଧ୍ୟାବେଳକୁ ଥକିପଡ଼ନ୍ତି ପାକିସ୍ଥାନୀ ସ୍ୱେଚ୍ଛାସେବୀ । ସେଇଠୁ ଗୋଟେ ମାଇଲ ଦୂରରେ ଥିବା 'ଲାମ୍ବାକୁଆଁ'ଠାରେ ଭୋଜିଭାତ କରି ମଉଜ ମସ୍ତିରେ ରାତି କଟାଇବାର ବିଚାର କରନ୍ତି । ସେମାନଙ୍କ ଦଳରେ ଥାଏ ଗୁଲାମ୍ ସରୱର୍ । ଲଣ୍ଠନ୍‌ଟେ ଧରି ବିଚରା ଟିକିଏ ଦୂରରେ ବସିଥାଏ । ସାଥୀମାନେ ତାକୁ ଦେଖି ବ୍ୟଙ୍ଗ କରୁଥାନ୍ତି । ସେଇ ଲଣ୍ଠନ୍‌ଟି ଛଡ଼ା କିଛି ବି ସିଏ ପାଇ ପାରିନାହିଁ ଲୁଟ୍‌ତରାଜ୍‌ର ଏଇ ମହାମେଳାରୁ । ଚାହିଁଥିଲେ ବହୁତ କିଛି ଜିନଷ ଆଣି ପାରିଥାନ୍ତା ହେଲେ ସେଥିକୁ ତା'ର ଆଗ୍ରହ ନାହିଁ । ସିଏ ଏମାନଙ୍କ ସହ ମିଶିଥିଲା ଗୋଟେ ଆଶାରେ । ମୁସଲମାନ ମାନେ ଆକ୍ରମଣ କରିବାକୁ ଆସୁଥିବାର ଖବର ପାଇ ସେଇ ଗାଁର ଅଧିକାଂଶ ସ୍ତ୍ରୀଲୋକ ସେଦିନ ବିଷ ଖାଇ ଆତ୍ମହତ୍ୟା କରିଥାନ୍ତି । ଆଉ ଯେଉଁ କେତେଜଣ ଭୟରେ ଖାଇପାରି ନଥିଲେ ସେମାନେ ଅପହରଣର ଶିକାର ସାଜନ୍ତି ଗୋଣ୍ଡାଲ୍ ଜାଟ୍ ଯୁବକମାନଙ୍କ ଦ୍ୱାରା । ବିଚରା ଗୁଲାମ୍ ସରୱର୍‌ର ଆବଶ୍ୟକତା କଥା କେହି ଟିକିଏ ବି ଚିନ୍ତା କରନ୍ତି ନାହିଁ ଯାହାକୁ ଚାଳିଶ ବର୍ଷ ହୋଇ ସାରିଥିଲେ ବି ଯିଏ କୌଣସି ସ୍ତ୍ରୀଲୋକର ଛାଇକୁ ବି ଛୁଇଁବାର ସୌଭାଗ୍ୟ ପାଇ ପାରି ନଥିଲା । ସାଥୀଙ୍କ ମେଳରେ ନବସି ସେ କୁରାଢ଼ି ଓ ଲଣ୍ଠନ ଧରି ପୁଣି ସେଇ 'କାଜୀ ଦା କୋଟ୍' ଆଡ଼କୁ ମୁହାଁଇବାରୁ ସମସ୍ତେ ହୋ ହୋ ହୋଇ ହସି କହନ୍ତି, "ହାଥୋ, (ପଞ୍ଜାବରେ କାଶ୍ମୀରୀ ଶ୍ରମିକଙ୍କ ବ୍ୟଙ୍ଗାତ୍ମକ ସମ୍ବୋଧନ) ଏବେ ଯାଉଛି ଗାଁ ଭିତରେ ପାଉଁଶ ଘାଣ୍ଟିବାକୁ ।" ହେଲେ ବେଳେ ବେଳେ ମୁଲ୍ଲା ଯେ ନ ମିଳିବ ପାଉଁଶ ଗଦାରୁ ସେ କଥା କିଏ କହିବ । ଗୁଲାମ୍ ସରୱର୍ ବସ୍ତି ଭିତରେ ଯାଇ ଅନେକ ଘର ଅଣ୍ଡାଳେ । କୁଢ଼ କୁଢ଼ ମଣିଷ ଶବ ଛଡ଼ା କିଛି ବି ତା' ଆଖିରେ ପଡ଼େନି । ଘରଗୁଡ଼ିକର କବାଟ ଥାଏ ଭାଁ ମେଲା । ତେବେ ଗୋଟେ ଘରର କବାଟ ଭିତରପଟୁ ବନ୍ଦ ଥିବା ଦେଖି ତା' ମନରେ ସନ୍ଦେହ ହୁଏ । କବାଟ ବାଡ଼େଇବା ସତ୍ତ୍ୱେ କେହି ନଖୋଲିବାରୁ କୁରାଢ଼ିର ତିନି ଚାରି ଚୋଟରେ ତାକୁ ଭାଙ୍ଗି ଭିତରକୁ ପଶେ । ତାହା ଥାଏ ଏକ ଗୁରୁଦ୍ୱାରା । ଭିତରପାଖ ବାରଣ୍ଡାରେ ଜଣେ ଶିଖ୍ ଯୁବକର ମୃତଦେହକୁ କୁଣ୍ଢାଇ ଯୁବତୀଟିଏ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥାଏ । ମୃତ ଯୁବକ ଗୁରୁଦ୍ୱାରାର ଗ୍ରନ୍ଥୀ ହୋଇଥିବ ନିଶ୍ଚିତ । ସ୍ୱାମୀର ଦେହାନ୍ତରେ ମ୍ରିୟମାଣ ହୋଇ ସ୍ତ୍ରୀଟି ମୂର୍ଚ୍ଛା ଯାଇଛି । ଉଭୟେ ରଙ୍ଗରୂପରୁ କାଶ୍ମୀରୀ ଲାଗୁଥାନ୍ତି । ସାଧାରଣତଃ ପେଟପାଟଣା ପାଇଁ କାଶ୍ମୀରରୁ ଶିଖ୍ ଲୋକ ପଞ୍ଜାବ ଆସିଲେ ସେମାନେ କାଠ କାଟିବା କିମ୍ବା ବୋଝ ବୋହିବା ପରିବର୍ତ୍ତେ ଗୁରୁଦ୍ୱାରାରେ ଗ୍ରନ୍ଥୀ କାମ କରନ୍ତି ନହେଲେ କୌଣସି ଧନୀକଙ୍କ ଘରେ ବନିଯାଆନ୍ତି ରୋଷେଇୟା । ମୃତ ଯୁବକଟିର ବୟସ ତିରିଶ ବର୍ଷ ପାଖାପାଖି । ଯୁବତୀଟି କିଛି ବର୍ଷ ସାନ ହୋଇଥିବ ତା ସ୍ୱାମୀ ଠାରୁ । ସଦ୍ୟ ପ୍ରସ୍ଫୁଟିତ ଗୋଲାପଟିଏ ଖରାଝାଞ୍ଜିରେ ଟିକିଏ ମଉଳି ପଡ଼ିଛି ଯାହା । ଗୁଲାମ୍ ସରୱର୍ ଆଖି ଫେରେଇ ପାରେନି । ଆଲ୍ଲା କେତେ ଦୟ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୬ ସେପ୍ଟେମ୍ବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଉଜା କବାଟ (୪୯)

ଭାଷାର ଅସ୍ମିତା : ଆମ ପରିଚୟ(୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମେ ଯେମିତି ଆମର ସ୍ୱାଧୀନତାକୁ ଇଂରେଜ ହାତରୁ ଜୋରଜବରଦସ୍ତ ଛଡ଼ାଇନେଲୁ, ଠିକ୍ ସେହିପରି ଆମ ଭାଷା,ଶିକ୍ଷା ଏବଂ ସଂସ୍କୃତି ଉପରେ କଡା ପ୍ରହାର ଦେଉଥିବା ଇଂରାଜୀ ଭାଷାକୁ ମଧ୍ୟ ବାହାର କରିଦେବା ଆବଶ୍ୟକ। ମେକେଲ ନିଜ ହୋମ୍ ସେକ୍ରେଟାରୀକୁ ଲେଖିଥିବା ଏକ ପତ୍ରରେ କିଛି ପଂକ୍ତି ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ। ଯେଉଁଥିରେ ସିଏ ଅତ୍ୟନ୍ତ ବିଶ୍ୱାସର ସହ କହିଥିଲେ, 'ମୁଁ କହିପାରିବିନି ଭାରତ ଦେଶ ରାଜନୀତି ରୂପରେ ଆପଣଙ୍କ ଅଧୀନରେ ରହିବ କି ନାହିଁ। ମାତ୍ର ଅବଶ୍ୟ ମୁଁ ଏତିକି କହି ଯାଉଛି, ଏ ଦେଶ ରାଜନୀତିକ ସ୍ୱତନ୍ତ୍ରତା ପ୍ରାପ୍ତି ପରେ ବି ଇଂରାଜୀ ମାନସିକତା, ଇଂରାଜୀ ସଭ୍ୟତା ଏବଂ ଇଂରାଜୀ ଭାଷା ପ୍ରଭାବରୁ ମୁକ୍ତ ହୋଇ ପାରିବ ନାହିଁ।' ତାଙ୍କର ଏହି କଥନ ଅକ୍ଷରେ ଅକ୍ଷରେ ସତ୍ୟସିଦ୍ଧ ହେବାକୁ ଲାଗିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଆମେ ଇଂରାଜୀ ଭାଷାରୁ ମୁକ୍ତ ହୋଇ ପାରିନାହୁଁ।

ଭାରତ ତଥା ଆମ ରାଜ୍ୟର ହଜାଇଥିବା ଗୌରବ ସେତିକି ବେଳେ ପ୍ରାପ୍ତ ହୋଇ ପାରିବ, ଯେତେବେଳେ ପ୍ରତ୍ୟେକ ପଢ଼ାଲେଖା ବ୍ୟକ୍ତି ନିଜ କାର୍ଯ୍ୟ, ଚିନ୍ତନ, ମନନ ଏବଂ ପରସ୍ପର ଭାବ ଆଦାନପ୍ରଦାନ କେବଳ ନିଜ ମାତୃଭାଷା ହିଁ ସମ୍ଭବ ହେବ। ଏଇଠି ହିଁ ଆମେ ଓଡ଼ିଆ ଭାଷା ଅସ୍ମିତାର ପରିଚୟ ମିଳିବ। ମା'ର ଭାଷା ହେବ ବୋଧଶକ୍ତର ଭାଷା ଏ ଜାତି ଏ ସଭ୍ୟତାର ବିକାଶ ହେବ ମାତୃଭାଷାର ଚିରନ୍ତନ ମୂଲ୍ୟବୋଧରେ। ଏ ଦାୟିତ୍ୱ ଆମ ସମସ୍ତଙ୍କର।

ସମ୍ଭବତଃ ଇଂରାଜୀ ଭାଷା ପ୍ରତି ଅହେତୁକ ଅନୁଚିତ ମୋହ ଗୁଲାମୀ ମାନସିକତା ଅପେକ୍ଷା ଅଜଣା ମାନସିକତା ଭାଷା ପ୍ରତି କୁଠାରଘାତ। ଆଜି ବ୍ୟକ୍ତିର ଆଚରଣରେ ସଭ୍ୟତାର ନଷ୍ଟ ହେବାରେ ଲାଗିଛି। ପ୍ରତ୍ୟକ ବସ୍ତୁର ବଜାରୀକରଣ ହେବାକୁ ଯାଉଛି। ବିଶ୍ୱବଜାରୀକଣରେ ସବୁକିଛି ତିଆରି ହୋଇ ବିକ୍ରି ହେବ। ମାତ୍ର ଭାଷା ନୁହେଁ। ଭାଷାକୁ ବଜାରର ଷ୍ଟିକରମରା ସେଓ ପରି ବିକ୍ରି କରାଯାଇପାରିବ ନାହିଁ। ମାତ୍ର ବିବିଧ ବସ୍ତୁର ଚାପରେ ମଣିଷ ନିଜର ସ୍ୱରୂପକୁ ବିକୃତ କରିବାରେ ଲାଗିଛି। ଯେତେବେଳ ବସ୍ତୁ ଉପରେ ଜୀବନ ସମ୍ପୂର୍ଣ୍ଣ ନିର୍ଭର କରିବ ଏବଂ ଆଚରଣ ସଭ୍ୟତା ଉପରେ ଅଧିକ ଓଜନଦାର ହେବ ଠିକ୍ ସେତିକି ବେଳେ ନିଜ ଭାଷା ଏବଂ ସଂସ୍କୃତି ଜୀବନର ମୂଲ୍ୟଗତ ସମୃଦ୍ଧି କିପରି ବୃଦ୍ଧି ପାଇବ, ତାହା ଆଜିର ଚିନ୍ତାର କାରଣ। ଜୀବନ ସମ୍ପୂର୍ଣ୍ଣ ରୂପେ ବସ୍ତୁକୈନ୍ଦିକ ହୋଇ ଗଲେ ବାହାର ରୂପ କେବଳ ସଜାଇ ହେବ ସିନା, ଆତ୍ମିକ ରୂପରେ ପୂର୍ଣ୍ଣତା ଆସିବ ନାହିଁ। ଅପମିଶ୍ରଣ ଏବଂ ନକଲି ବସ୍ତୁର ପ୍ରଭାବରେ ଭାଷାବି ନକଲି ହେଇଯିବ। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷବି ସହଜ ଏବଂ ସାଧାରଣ କଥାବାର୍ତ୍ତାରେ ଇଂରେଜୀ ଶବ୍ଦ ଅବାଧରେ ଉଚ୍ଚାରଣ କରିବ। ଏଭଳି ଏକ ବିକଳ ଭବିଷ୍ୟତ ପରେ କେହି ଯତ୍ନବାନ ହେଉ ନାହାଁନ୍ତି। ଏହାକୁ ମଧ୍ୟ ଇଂରାଜୀ ରୂପୀ ଆତଙ୍କବାଦୀର ପ୍ରବେଶ କୁହାଯାଇପାରେ। ଆମେ ଆମର ଭାଷା ଆଚରଣ ଏବଂ ସଂସ୍କାର ସମ୍ପର୍କରେ ସମ୍ପୂର୍ଣ୍ଣ ଦାୟିତ୍ୱହୀନ। ଫଳରେ ଆମ ପରିଚୟ ଆମ ଅସ୍ମିତା କ୍ରମଶଃ ଧ୍ୱଂସ ହେବାରେ ଲାଗିଛି।

ପିତାମାତା ମାନେ ପ୍ରାରମ୍ଭରୁ ହିଁ ତାଙ୍କ ପିଲାମାନଙ୍କୁ ଶିଖାଇ ଥାଆନ୍ତି ଅଙ୍କଲଙ୍କୁ ଗୁଡ୍ ମର୍ଣ୍ଣିଂ କର, ଟାଟା କର। ଯେଉଁ ଶବ୍ଦ ପ୍ରଣାମକୁ ବୁଝାଏ ତାହା ନକହି ଏପରି ଉପଦେଶ ଦେବା ଦ୍ୱାରା ଭାଷା ପ୍ରତି ଆତ୍ମିକ ଆବେଗ ଆସେ ନାହିଁ। ଫଳରେ ଓଡ଼ିଆ ଭାଷା ପ୍ରତି ଆମେ ସଉତୁଣୀର ବ୍ୟବହାର କରୁ। ଇଂରାଜୀ ଭାଷା ଶିଖିବାର ମନା ନାହିଁ, ମାତ୍ର ଏହାକୁ ଗଳାର ଜପାମାଳି କରାନଯାଉ। ଯେଉଁ ଜାତି ତା'ର ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେ ଜାତି ସେତିକି ଉନ୍ନତ ତଥା ବିକାଶଶୀଳ।

ଓଡ଼ିଆ ଭାଷା ବିକାଶ ପାଇଁ ଅନେକ ବ୍ୟକ୍ତି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବ୍ୟାନରଟିଏ ଝୁଲାଇ ଦେଇ କବିତା ଚର୍ଚ୍ଚା, କବିତାପାଠ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ଓଡ଼ିଆ ଭାଷା ବିକାଶର ସ୍ୱପ୍ନ ଦେଖୁଛନ୍ତି। କାରଣ ଏହାର ପ୍ରଚ୍ଛଦରେ ନିଜକୁ ପରିଚିତ କରିବା ପାଇଁ ଏକ ପ୍ଲାଟ୍‌ଫର୍ମର ପରିକଳ୍ପନା ମାତ୍ର। ଯେଉଁମାନେ ଏଭଳି କାର୍ଯ୍ୟକ୍ରମ କରୁଛନ୍ତି ସେମାନଙ୍କର ସନ୍ତାନମାନେ ଓଡ଼ିଆ ଭାଷାଠାରୁ ବହୁତ ଦୂରରେ। ଇଂରାଜୀ ମାଧ୍ୟମରେ ସେମାନଙ୍କର ସନ୍ତାନକୁ ପାଠ ପଢ଼ାଇବା ଏବଂ ଅନ୍ୟମାନଙ୍କୁ ଓଡ଼ିଆ ଭାଷାରେ ପଢ଼ିବା ପାଇଁ ପରାମର୍ଶ ଦେବା 'ଗାଲୁପେଲା' ନୀତି କୁହାଯାଇପାରେ।

ଆଜି ପ୍ରତିଟି ସାହିତ୍ୟିକ ନିଜ ନିଜର ପ୍ରତିଷ୍ଠା ପାଇଁ ବେଶ କସରତ କରୁଛନ୍ତି। ଛଳରେ ହେଉ କିମ୍ବା କୌଶଳରେ, ତେଲମାଲିସରେ ହେଉଁ କିମ୍ବା ମାମଲତକାରରେ। ଏଥିପାଇଁ ସେମାନେ ଭାଷା ଏବଂ ସାହିତ୍ୟକୁ ନିଜ କବ୍‌ଜା ଆଣିବାରେ ବେଶ୍ ଧୂରନ୍ଧର। ଓଡ଼ିଆ ଭାଷା ଓ ସାହିତ୍ୟର ଏମିତି ଘୋଡା ବେପାର ହେଉଛି ଯେ, ଏହାର ଭବିଷ୍ୟତ ଆମ ସାମ୍ନାରେ ଜଳଜଳ ଦେଖା ଯାଉଛି। କେବଳ ବ୍ୟକ୍ତି କୈନ୍ଦ୍ରୀକ ଭାବନାର ଉତ୍ତରଣ ପାଇଁ ପ୍ରତ୍ୟେକ ଭାଷାର ବରଯାତ୍ରୀ ସାଜୁଛନ୍ତି। ଏଠି ମର୍ଦ୍ଦ ନାଚୁଛି ନାଚୁଛି ତିଲ୍ଲା। ଏହି ନାଚ ଭିତରେ ସାହିତ୍ୟର ରୋମାନ୍ସ ଚାଲିଛି। ସେଥିରେ ନା ଅଛି ଭାଷାର ଶୁଦ୍ଧତା ନା ଅଛି ଅଭିବ୍ୟକ୍ତିର ସ୍ପଷ୍ଟତା।

ଉଧାର କରା ଶବ୍ଦ, ଉଧାର କରା ଶୈଳୀକୁ ନେଇ ଆମେ ମନ୍ତ୍ରପାଠ ସହ ମୋବାଇଲରେ ହ୍ୱାଟ୍‌ସଅପ୍, ମେସେଞ୍ଜର ଆଦି ଡିଜିଟାଲ ପ୍ରଣାଳୀରେ ରାତି ଅଧିଆ ପତ୍ର ପତ୍ରିକାର ସମ୍ପାଦକ/ସମ୍ପାଦିକାମାନଙ୍କ ସହ ପ୍ରେମାଳପ କରୁଛୁ। ରାତି ପାହିଲା ବେଳକୁ ଲେଖାଲେଖିର ଧାର ନଥିବା ବ୍ୟକ୍ତି ବିଶେଷର କବିତା, ଗଳ୍ପ ଆଦି ବଡ଼ ବଡ଼ କ୍ୟାପସନରେ ଛପା ଯାଉଛି। ଅବଶ୍ୟ ଏଥିରେ ଅନେକ ଭାଷା ଦଲାଲ କାମ କରୁଛନ୍ତି। ଏଭଳିସ୍ଥଳେ ଜଣେ ସ୍ୱାଭିମାନ ଲେଖକ ବଞ୍ଚିବ କେମିତି ? ତା' ଆଖି ସାମ୍ନାରେ କବିତାର ଅ-ଆ ଜାଣିନଥିବା ବ୍ୟକ୍ତି ଅନେକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହେଉଛନ୍ତି ଏବଂ ସାହିତ୍ୟ ଏକାଡେମୀରୁ ମାନପତ୍ର ପାଉଛନ୍ତି। ଏହା କ'ଣ ଆମ ଭାଷା ବିକାଶର ମୂଳ ଲକ୍ଷ୍ୟ।

ଏଥିପ୍ରତି ସଭିଏଁ କାନ୍ଦୁଛନ୍ତି ହେଲେ କାହାରି ଆଖିରୁ ଲୁହ ଗଡୁ ନାହିଁ। ଏହାର ଭରପୁର ସୁଯୋଗ ନେଉଛନ୍ତି ଇଂରେଜୀ ମନସ୍କ କିଛି ମାଫିଆ। ଓଡ଼ିଆ ସାହିତ୍ୟକୁ ଗାଣ୍ଠିଚକଟି ଖିଚୁଡି କରିଦେଲେଣି। ଆଉ କିଛି ଦିନ ପରେ ଆମକୁ ହାତ ଟେକିଦେବାକୁ ପଡିବ। ସୁତରାଂ ଆଜି ପୁଣି ସମୟ ଆସିଛି ଓଡ଼ିଆ ଭାଷା ସାହିତ୍ୟକୁ ଉଚିତ୍ ମାର୍ଗରେ ନେବା ପାଇଁ। ଯେଉଁମାନେ ନିଜ ସମ୍ମାନକୁ ଜଗି ବସିଛନ୍ତି, ସେମାନେ କାଦୁଅକୁ ଯିବେ ନାହିଁ କି ଗୋଡ଼ ଧୋଇବେ ନାହିଁ ନୀତି ଅବଲମ୍ବନ କରୁଛନ୍ତି। ମାତ୍ର ସେମାନଙ୍କୁ ଗୋଡ଼ କାଢ଼ିବାକୁ ପଡ଼ିବ। ମୈଦାନକୁ ଓହ୍ଲାଇବାକୁ ପଡ଼ିବ। ଗୋଟେ ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟକୁ ପୁଣି ଗଙ୍ଗାର ପବିତ୍ର ଧାରା ପରି ପବିତ୍ର କରିବାକୁ ପଡ଼ିବ। ତା' ନହେଲେ ବିଶ୍ୱ ଭାଷା ସାହିତ୍ୟର ଇତିହାସର ନୂଆ ଅଧ୍ୟାୟ ସୃଷ୍ଟି କରିବାର ମର୍ଯ୍ୟାଦା ହରାଇ ପସିବା। ଗୋଟିଏ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆଭାଷାବଲମ୍ବୀ ବ୍ୟକ୍ତିମାନେ ପୁଣି ନିଜ ଗୋଡ଼କୁ ନିଜେ ହାଣିବେ। ପରିଚୟ ହରାଇବେ। ଭାଷା ସାହିତ୍ୟ ସାମ୍ରାଜ୍ୟରୁ ଅଣ୍ଡରଗ୍ରାଉଣ୍ଡ ଡନ୍‌ମାନଙ୍କୁ ନିପାତ କରି ଏକ ସୁସ୍ଥ ସାହିତ୍ୟସଂହିତାକୁ ଆପଣାଇବାକୁ ପଡ଼ିବ। ତେବେ ଯାଇ ଆମ ଭାଷାର ଉଲ୍ଲେଖନୀୟ ପ୍ରଗତୀ ହେବ। ପ୍ରକୃତ ମଗ୍ନ ସାହିତ୍ୟିକଟିଏ ଭାଷା ଦରବାରରେ ତା'ର ଗାରିବାମୟ ପ୍ରତିଭା ପ୍ରତିଷ୍ଠା କରିପାରିବ। ତେବେ ଆସନ୍ତୁ, ଆମ ଭାଷା ଓ ସାହିତ୍ୟ ପାଇଁ ଏକ ନିର୍ଭେଜାଲ ହୃଦୟରେ କାମ କରିବା ଏବଂ ପୂର୍ବସୂରୀମାନଙ୍କର ଉପଯୁକ୍ତ ଦାୟଦ ଭାବେ ପୁଣିଥରେ ଆମର ଗୌରବମୟ ଭାଷକୁ ସୁରକ୍ଷାର କବଚ ପିନ୍ଧାଇ ପାରିବା ଫଳରେ ଭାଷା ଉପରେ ଆସୁଥିବା ଆସନ୍ନ ସଂକଟକୁ ଦୂରେଇ ଦେଇପାରିବା। (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ସ୍ମୃତି ଶତଦଳ ୨୧୨

ଦେହି ପଦପଲ୍ଲବ ମୁଦାରଂ-୧

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାଧା କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଘନନୀଳ ମେଘର ଅପୂର୍ବ ସମ୍ଭାର ସହ ଇନ୍ଦ୍ରଧନୁର ସାତରଙ୍ଗରେ ରୂପବନ୍ତ। ପୃଥିବୀର ସବୁ ମାଧୁର୍ଯ୍ୟ, ସବୁ ଐଶ୍ୱର୍ଯ୍ୟ, ସବୁ ଲାଳିତ୍ୟ ଏବଂ ସବୁ ଔଦାର୍ଯ୍ୟର ମୁର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ରାଧାକୃଷ୍ଣ। ଯୁଗଳ ମୂର୍ତ୍ତିଙ୍କର ରାସଲୀଳା, ବ୍ରଜଲୀଳା, ତଥା ତମାଳବନର ଅନିନ୍ଦ୍ୟଲୀଳା ଯୁଗ ଯୁଗ ଧରି ପ୍ରତ୍ୟେକ ଭକ୍ତଙ୍କ ମନରେ ଆନନ୍ଦ ଜାଗ୍ରତ କରିଥାଏ। ଏବେବି ଯମୁନା କୂଳରୁ ତା'ର କଳା କୃଷ୍ଣବେଣୀ ଭଳି ଜଳ ରାଶିର ସମ୍ଭାରକୁ ଦେଖିଲେ , ମନରେ ଗୁଂଜରିତ ହୋଇ ଉଠେ ବଂଶୀର ମୃଦୁ ମୃଦୁ ଝଙ୍କାର। କୃଷ୍ଣଙ୍କର ବଂଶୀ ସ୍ୱନ ଓ କୋଇଲିର କୁହୁ ତାନ ଦୁହେଁ ମିଶି ଭକ୍ତଙ୍କୁ ଭାବ ବିହ୍ୱଳ କରି ଦିଅନ୍ତି। କେତେବେଳେ ଶ୍ରୀକୃଷ୍ଣ, ମଧୁର ରାସ ଲୀଳାରେ ଶ୍ରୀରାଧା ଓ ଗୋପୀଙ୍କୁ ଆପ୍ୟାୟିତ କରନ୍ତି ତ' ଆଉ କେତେବେଳେ ନିଜର ପ୍ରିୟ ଭକ୍ତ ଜୟଦେବଙ୍କ ହାତରେ ଲେଖାଇନିଅନ୍ତି ପ୍ରିୟତମା ରାଧାଙ୍କ ପାଇଁ - "ସ୍ମର ଗରଳଂ ଖଣ୍ଡନଂ, ମମ ସିରସି ମଣ୍ଡନଂ" ଏବଂ ନିଜେ ଜୟଦେବ ହୋଇ ତାଳପତ୍ର ଲେଖନୀରେ ଲେଖି ଦିଅନ୍ତି –'ଦେହି ପଦପଲ୍ଲବ ମୁଦାରଂ'। ସେଥିପାଇଁ ତ' ଶାସ୍ତ୍ରରେ ଅଛି "ରସେ ରାଧା,ରୋଷେ ଲକ୍ଷ୍ମୀ" ଏବଂ ରାଧା ରାଣୀ ମଧ୍ୟ ଶ୍ରୀକୃଷ୍ଣଙ୍କରମୂରଲି ମନୋହର ବେଶକୁ ଦେଖି ଗାଇ ଉଠନ୍ତି "ନଟନାଗର ହେ ସେ ବେଶ ହୋଇବ ନାହିଁ ,ସେ ବେଶ ହୋଇଲେ ପାଷାଣ ତରଳେ, ରମଣୀ ରହିବେ କାହିଁ ?"

ଦ୍ୱାପରଯୁଗର କୃଷ୍ଣଲୀଳା ଯେପରି ପ୍ରଭୁଙ୍କର ସ୍ୱୟଂଲୀଳା, କଳିଯୁଗରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ,ମା ସୁଭଦ୍ରା ଓ ଆୟୁଧରାଜ ସୁଦର୍ଶନ ଆଦି ଚତୁର୍ଦ୍ଧାମୂର୍ତ୍ତିଙ୍କର ମଧ୍ୟ ସ୍ୱୟଂଲୀଳା ହୋଇଥାଏ। ପ୍ରଭୁଙ୍କର ନିଆରା ନାନ୍ଦନିକତା ,ଶିଳ୍ପଶାସ୍ତ୍ରରେ ଧାରା, ବ୍ୟାକରଣ, ଷଡ଼ଙ୍ଗ ତଥା ଏସବୁ ସୂତ୍ରର ଉର୍ଦ୍ଧ୍ୱରେ ବିଗ୍ରହମାନେ ଦିଶନ୍ତି ସୁନ୍ଦର ,ଅନନ୍ୟ ଓ ଅନୁପମ। ପ୍ରଭୁ ଶ୍ରୀକୃଷ୍ଣ ନିଜେ ଲୀଳାମୟ ,ନିଜେ ଇଚ୍ଛାମୟ ,ନିଜେ ହିଁ ବିଶ୍ୱକର୍ମା ପାଲଟି ନିଜର ଚିରନ୍ତନତାକୁ , ନିଜର ସର୍ବମୟତାକୁ, କାରୁଣ୍ୟକୁ ,ଶୃଙ୍ଗାର ମାଧୁରୀକୁ ଏବଂ ନରନାରାୟଣଙ୍କର ଅତୁଟ ସଂମ୍ପର୍କକୁ ଏଭଳି କପଟ ଅବୟବରେ ସଜାଇ ଦିଅନ୍ତି ଯାହାକୁ କି ମହାନ ଭାରତୀୟ ମନୀଷିମାନେ ଏ ପର୍ଯ୍ୟନ୍ତ ଛୁଇଁ ପାରି ନାହାନ୍ତି। ଭାଗବତ ଗୀତା ଅନୁଯାୟୀ ମହାଭାରତ ଯୁଦ୍ଧରେ ଯେତେବେଳେ ପ୍ରଭୁ ଶ୍ରୀକୃଷ୍ଣ, ଅର୍ଜୁନଙ୍କର ସାରଥୀ ହୋଇଥିଲେ ସେତେବେଳେ ବିମର୍ଷ ଅର୍ଜୁନ ଯୁଦ୍ଧରେ ନିଜ ପରିବାର, ପରିଜନ,ଆତ୍ମୀୟ ସ୍ୱଜନଙ୍କୁ ଦେଖିଥିଲେ, ଏବଂ ଶୋକରେ ମ୍ରୀୟମାଣ ହୋଇ ପଡ଼ିଥିଲେ ଠିକ୍ ସେତିକିବେଳେ ଶ୍ରୀକୃଷ୍ଣ ତାଙ୍କ ରଥକୁ କୁରୁକ୍ଷେତ୍ରର ମଧ୍ୟସ୍ଥଳକୁ ନେଇ କର୍ମ ଯୋଗର ବାଣୀ ଶୁଣାଇଲେ। ଶ୍ରୀକୃଷ୍ଣ ନିଜର ପ୍ରିୟସଖା ଅର୍ଜୁନଙ୍କୁ ନିଜର ବିଶ୍ୱରୂପ ଦେଖିବା ପାଇଁ 'ଦିବ୍ୟଚକ୍ଷୁ' ପ୍ରଦାନ କରିଥିଲେ। ପ୍ରଭୁଙ୍କ ଦର୍ଶନ ପାଇଁ ସବୁ ଭକ୍ତଙ୍କର ସେହିଭଳି ଦିବ୍ୟଚକ୍ଷୁ ରହିବା ଉଚିତ୍। ଅର୍ଜୁନଙ୍କ ଅନୁରୋଧ ରେ, ଶ୍ରୀକୃଷ୍ଣ ପ୍ରିୟସଖାଙ୍କୁ କହିଲେ "ମୋର ବିଭୁତି ଅନନ୍ତ," ସମସ୍ତ ପ୍ରାଣୀଙ୍କ ଅନ୍ତରରେ ମୁଁ ଆତ୍ମା। ମୋର ସହସ୍ର ପାଦ, ଆଖି, କର୍ଣ୍ଣ, ମସ୍ତକ ଓ ସହସ୍ର ବଦନ ଥିବାରୁ ମୋର ନାମ ଅନନ୍ତ। ଦିବ୍ୟମାଳ,ଦିବ୍ୟବସ୍ତ୍ର,ଦିବ୍ୟ ସୁଗନ୍ଧରେ ଚାରିଆଡେ ଅସଂଖ୍ୟ ମୁଖସହ ଆଶ୍ଚର୍ଯ୍ୟ ଭାବେ ସହସ୍ର ସୂର୍ଯ୍ୟର ଜ୍ୟୋତି ପ୍ରକାଶିତ ହେଉଥାଏ। ମୋର ଦେହ ଧରିତ୍ରୀରୁ ଆକାଶ ଯାଏ ବ୍ୟାପିଥାଏ'। ଏ ବିଶ୍ୱରୂପ ଦେଖି ଅର୍ଜୁନ ମଧ୍ୟ ବିସ୍ମିତ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇ ଥିଲେ। ତେଣୁ ସବୁ ଭାଷା ଭିତରେ ଭକ୍ତିର ଭାଷା ହିଁ ସବୁଠାରୁ ଉତ୍ତମଭାବେ ବୁଝନ୍ତି ନାରାୟଣ। ଭକ୍ତିର ଡୋରି ନ ଲାଗିଲେ ଯେପରି ଶ୍ରୀକ୍ଷେତ୍ରକୁ ଯାଇ ହୁଏ ନାହିଁ କି ଜଗନ୍ନାଥଙ୍କୁ ଦର୍ଶନ କରି ହୁଏ ନାହିଁ ,ଠିକ୍ ସେହିଭଳି ଭକ୍ତି ରସରେ ଉବୁଟୁବୁ ନ ହେଲେ ,ପ୍ରଭୁଙ୍କୁ ଭକ୍ତି , ପ୍ରେମର ନୈବେଦ୍ୟ ଅର୍ପଣ ନ କଲେ, ପ୍ରଭୁ ଦର୍ଶନ ଦିଅନ୍ତିନାହିଁ–"ନାହଂ ତିଷ୍ଠାମି ବୈକୁଣ୍ଠେ,ଯୋଗୀନାଂ ହୃଦୟେ ନ ଚ/ମଦ୍ ଭକ୍ତା ଯତ୍ର ଗାୟନ୍ତି , ତତ୍ର ତିଷ୍ଠାମି ନାରଦଃ"

ସେହିଭଳିଯୁଗେ ଯୁଗେ ପ୍ରଭୁ ଶ୍ରୀକୃଷ୍ଣ ଗୋପବାଳାଙ୍କୁ, ରାଧାରାଣୀଙ୍କୁ, ଗୋପର ଦାଣ୍ଡଧୂଳିକୁ ତଥା ଭକ୍ତି ରସରେ,ପ୍ରେମ ରସରେ, ପ୍ରୀତିରସରେ ବିଜଡ଼ିତ ହୋଇଥିବା ଭକ୍ତମାନଙ୍କୁ ଭଲ ପାଇଥାନ୍ତି। ଓଡିଶା ତଥା ଭାରତର ଅନେକ ସ୍ଥାନରେ ପରିଭ୍ରମଣ କଲା ବେଳେ ଆମେ ରାଧାକୃଷ୍ଣଙ୍କ ମନ୍ଦିର ଦର୍ଶନ କରିଛୁ। ତେବେ 'ଇସ୍‌କନ୍'ର ରାଧାକୃଷ୍ଣ ମନ୍ଦିର ଦର୍ଶନ ଅତି ମନୋରମ। ଭୁବନେଶ୍ୱର ଠାରୁ ଆରମ୍ଭ କରି ଦିଲ୍ଲୀ , ବମ୍ବେ, ବାଙ୍ଗାଲୋରର ଇସ୍‌କନ୍ ମନ୍ଦିରର କାରୁକାର୍ଯ୍ୟ , ଶୁଦ୍ଧତା ତଥା ସୌନ୍ଦର୍ଯ୍ୟ ଅନନ୍ୟ। ଗତ ତିନି ବର୍ଷ ତଳେ ଆମେରିକାର ୱାଶିଂଟନ୍ ଡିସିରେ ଥିବା ହିନ୍ଦୁ ମନ୍ଦିର ଦର୍ଶନ କଲାବେଳେ ମଧ୍ୟ ଅପୂର୍ବ ଭାବାବେଗ ସୃଷ୍ଟି ହୋଇଥିଲା ଏବଂ ୨୦୧୫ଜୁନ୍ ମାସରେ ଆମେରିକାର ଫ୍ଲୋରିଡାସ୍ଥିତ ଆଲାଚୁଆଠାରେ ଥିବା ରାଧାକୃଷ୍ଣ ମନ୍ଦିର ଦର୍ଶନ କଲାବେଳେ ଭାବୋଚ୍ଛ୍ୱାସରେ ମୋର ଲେଖନୀ ଚଳଚଂଚଳ ହୋଇଉଠିଥିଲା। କାରଣ ରାଧା,କୃଷ୍ଣ ହେଉଛନ୍ତି ଏକ ଚିରନ୍ତନ ଚେତନାର ବିଗ୍ରହୀଭୂତ ସ୍ପନ୍ଦନ।

ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଏ ପୃଥିବୀ ,ଯାହାର ଜଳ,ସ୍ଥଳ ବନ ଗିରି ଆକାଶ ରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ, ଅନେକ ଐଶ୍ୱର୍ଯ୍ୟ ଏବଂ ଅନେକ ବୈଦୁର୍ଯ୍ୟ, ସେଇ ଦେବ ଦୁର୍ଲ୍ଲଭ ସୌନ୍ଦର୍ଯ୍ୟରୁ ଚେନାଏ ଚେନାଏ ହୋଇ ବିଶ୍ୱର ଚାରିଆଡେ ବିଚ୍ଛୁରିତ ହୋଇଯାଇଛି ଏବଂ ସେଇ ଅଲୌକିକ ଅଥଚ ଲୌକିକ , ସେଇ ଅତିମାନବୀୟ ଅଥଚ ମାନବୀୟ, ଷୋଳକଳାରେ ପରିପୂର୍ଣ୍ଣ ଲୀଳାମୟ ଶ୍ରୀକୃଷ୍ଣ ଓ ପ୍ରେମମୟୀ ରାଧାଙ୍କର ଯୁଗଳ ମୂର୍ତ୍ତିପୃଥିବୀର କୋଣ, ଅନୁକୋଣରେ ଗଢ଼ି ଉଠିଥିବା ଇସକନ ମନ୍ଦିରରେ ପୂଜିତ ହେଉଛନ୍ତି। ସେହିଭଳି ଆମେରିକାର ଫ୍ଲୋରିଡା ସହରରେ ଜାକସନ୍ ଭିଲ୍ ଠାରୁ ୯୦ ମାଇଲ ଦୂରରେ ଥିବା ଆଲାଚୁଆରେ ଇସ୍‌କନ ତରଫରୁ ନିର୍ମିତ ହୋଇଛି ଅତି ସୁନ୍ଦର ଏକ ରାଧାକୃଷ୍ଣ ମନ୍ଦିର। ଭାରତ ବର୍ଷକୁ ଯେପରି ତିନି ପଟରୁ ତିନୋଟି ସମୁଦ୍ର ଘେରି ରହିଛନ୍ତି। ଯଥା ବଙ୍ଗୋପସାଗରର ନୀଳଜଳ, ଆରବ ସାଗରର ଫିକା ସବୁଜ ଜଳ , ତଥା ଭାରତ ମହାସାଗରର ଘନନୀଳ ଜଳ ମିଶି ଅପୂର୍ବ ଏକ ଭାବାବେଗର ସ୍ପନ୍ଦନ ସୃଷ୍ଟି କରି ମୃଦୁମୃଦୁ ତରଙ୍ଗମାଳାରେ ଯେମିତି ଭାରତର ପାଦ ଧୋଇ ଦେଉଛନ୍ତି ଠିକ୍ ସେହିଭଳି ପୃଥିବୀର ଅପର ପାର୍ଶ୍ୱରେ ଥିବା ଯୁକ୍ତରାଷ୍ଟ୍ର ଆମେରିକାକୁ ମଧ୍ୟ ଦୁଇଟି ବଡ଼ ମହାସାଗର ଘେରି ରହିଛନ୍ତି। ପଶ୍ଚିମ ପାର୍ଶ୍ୱରେ ପ୍ରଶାନ୍ତ ମହାସାଗର ଓ ଦକ୍ଷିଣ ପୂର୍ବପାର୍ଶ୍ୱରେ ଆଟଲାଣ୍ଟିକ୍ ମହାସାଗର। ଏଇ ଆଟଲାଂଟିକ ମହାସାଗର କୂଳରେ ଆମେରିକାର ଦକ୍ଷିଣଦିଗରେ ଆଟ୍‌ଲାଂଟା ତଳକୁ, ଫ୍ଲୋରିଡା ଅବସ୍ଥିତ। ଫ୍ଲୋରିଡାର ଜାକ୍ ସନ ଭିଲ ସହରର ଅନତି ଦୂରରେ ପ୍ରାୟ ୯୦ ମାଇଲ ଉତ୍ତର ଦିଗକୁ

ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତକୁ ନେଇ ଚଳ ଚଂଚଳ ଜିଲ୍ଲା ବିଜେଡି ଶିବିର

ବିଏସକେୱାଇ ହେଲଥ କାର୍ଡ ବଣ୍ଟନ ସହ ଏକାଧିକ ପ୍ରକଳ୍ପର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ

ବାରିପଦା,୨୫/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉପରେ ଫକସ କରୁଛି ସାଶକ ବିଜେଡି ଦଳ । ବିଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରୁ ମୟୂରଭଞ୍ଜ ଜିଲ୍ଲାରେ ବିଜେଡିର ଗଡ ଭୁଷୁଡିବା ଆରମ୍ଭ ହୋଇଥିଲା । ଫଳରେ ଶତଚେଷ୍ଟା ସତ୍ତ୍ୱେ ବି ବିଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଜିଲ୍ଲାରେ ଖରାପ ପରଦର୍ଶନ କଲା । ପଂଚାୟତ ନର୍ବାଚନକୁ ବିଧାନସଭା ନିର୍ବାଚନର ସେମିଫାଇନାଲ କୁହାଯାଉଥିବା ବେଳେ, ଏହାର ଅବ୍ୟବହିତ ପୂର୍ବରୁ ମୟୂରଭଞ୍ଜ ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଆସନ୍ତା ଅକ୍ଟୋବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାରିପଦା ଗସ୍ତରେ ଆସୁଥିବାର ଖବର ମିଳିଛି । ଯଦିଓ ଏହି ଗସ୍ତ ସମ୍ପୂର୍ଣ୍ଣ ସରକାରୀ ତଥାପି ଆସନ୍ତା ୮ରେ ଦୁର୍ଗାପୂଜା ପୂର୍ବରୁ ନବୀନଙ୍କ ଏହି ବାରିପଦା ଗସ୍ତ ପ୍ରଶାସନିକ ଓ ରାଜନୈତିକ ମହଲରେ ବେଶ ଗୁରୁତ୍ୱ ବହନ କରୁଛି । ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଅନ୍ତର୍ଗତ ସ୍ମାର୍ଟ ହେଲ୍ ? ?ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ସହିତ ଏକାଧିକ ପ୍ରକଳ୍ପର ଉଦଘାଟନ ଏବଂ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ମୟୁରଭଞ୍ଜ ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ବାରିପଦା ଗସ୍ତ କରି ଦଳୀୟ ନେତୃମଣ୍ଡଳୀଙ୍କ ସହିତ ଶହୀଦ ସ୍ମୃତି ଭବନ ପରିଦର୍ଶନ କରି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି । ରାଜନୈତିକ ଦୃଷ୍ଟିକୋଣରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଜିଲ୍ଲା ବିଜେଡି ପାଇଁ ଅତ୍ୟନ୍ତ ଗୁରୁତ୍ୱବହନ କରୁଥିବା ବେଳେ, ଗତ ପଞ୍ଚାୟତ ନିର୍ବାଚନର ଭୁଲ ଦୋହରାଇବାକୁ ଜମାରୁ ଚାହୁଁନାହିଁ ସାଶକ ବିଜେଡି । ଏନେଇ ପୁରା ଜିଲ୍ଲାରେ ବବିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜେଡି ଯୋଜନାବଦ୍ଧ ଭାବେ ସାଂଗଠନିକ କାର୍ଯ୍ୟକ୍ରମ ଜାରି ରଖିଛି । ତେବେ ମୟୂରଭଂଜ ଜିଲ୍ଲାରେ ବିଜେପି ଗତ ପଂଚାୟତ ଓ ସାଧାରଣ ନିର୍ବାଚନରେ ବେଶ ଭଲ ପ୍ରଦର୍ଶନ କରିଥିବାରୁ କେନ୍ଦ୍ରର ମୋଦୀ ସରକାରରେ ମୟୂରଭଂଜ ସାଂସଦ ଇଂ ବିଶେଶ୍ୱର ଟୁଡୁଙ୍କୁ କେନ୍ଦ୍ରମନ୍ତ୍ରୀ ନିଯୁକ୍ତ କରାଯାଇ ଏବଂ ବିଜେପି ତାର ରହିଥିବା ଛାମୁଆ ସଂଗଠନ ଗୁଡିକୁ ସକ୍ରିୟ କରି ଜିଲ୍ଲାରେ ପୂର୍ବ ସଫଳତାକୁ ହାସଲ କରିବାକୁ କାର୍ଯ୍ୟକ୍ରମ ଜାରୀ ରଖିଛି । ତେଣୁ ନବୀନଙ୍କ ଏହି ଗସ୍ତ ଜିଲ୍ଲାରେ ବିଜେଡି କର୍ମୀ ଓ ନେତାଙ୍କୁ ବେଶ ଖୋରାକ ଯୋଗାଇବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ରଖିଛନ୍ତି । ତେବେ ମୁଖ୍ୟ ମନ୍ତ୍ରୀଙ୍କ ଗସ୍ତ ପୁର୍ବରୁ ପ୍ରଣବ ପ୍ରକାଶଙ୍କ ବରିପଦା ଗସ୍ତ ଅବସରରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମରୋଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଏସଡିସି ଅଧକ୍ଷ ଡାଃ ଦେବାଶିଷ ମାରାଣ୍ଡି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ପ୍ରକାଶ କୁମାର ମହାନ୍ତି, ପ୍ରଭାତ ନାୟକ, ସୁବ୍ରମଣ୍ୟମ ମହାନ୍ତି, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଅଜଣା ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି

ବସ୍ତା,୨୫/୦୯ (ନି.ପ୍ର): ବସ୍ତା ଡାକ୍ତରଖନା ମୁଖ୍ୟ ପ୍ରବେଶ ରାସ୍ତା ରେ ଗତ କାଲି ଠାରୁ ଜଣେ ବୃଦ୍ଧା ଅସହାୟ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା । ଆଜି ସକାଳ ନଅଟା ପର୍ଯ୍ୟନ୍ତ ଏଭଳି ସନ୍ଦେହଜନକ ଭାବେ ବୃଦ୍ଧା ଜଣକ ପଡିଥିବା ଦେଖି ବସ୍ତା ସଦାନନ୍ଦ ପୁର ଗ୍ରାମର ଚିନ୍ମୟ ଶତପଥୀ ବାଲେଶ୍ୱର କଣ୍ଟ୍ରୋଲ ରୁମ୍ କୁ ଫୋନ କରିଥିଲେ । ମାତ୍ର କଟ୍ରୋଲ ରୁମ୍ ବୃଦ୍ଧା ଙ୍କୁ ଉଦ୍ଧାର ପରିବର୍ତ୍ତେ ଓଲଟା ଶ୍ରୀ ଶତପଥୀ ଙ୍କୁ ବୃଦ୍ଧା ଙ୍କୁ ନେଇ ଡାକ୍ତରଖାନା ରେ ଭର୍ତ୍ତି କରିବାକୁ କହିଥିଲେ । ମାତ୍ର ଶ୍ରୀ ଶତପଥୀ କୌଶଳ ପୂର୍ବକ ସେ ବସ୍ତାରେ ନଥିବା କହିବାରୁ ବସ୍ତା ଥାନା କୁ ଖବର ଆସିଥିଲା ବୃଦ୍ଧା ଙ୍କୁ ଉଦ୍ଧାର ପାଇଁ । ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅସହାୟ ଅବସ୍ଥାରେ ବୃଦ୍ଧା ଙ୍କୁ ଉଦ୍ଧାର ଡାକ୍ତର ଖନାରେ ଭର୍ତ୍ତି କରିଛନ୍ତି । ତେବେ ବୃଦ୍ଧା ଙ୍କ ପରିଚୟ ମିଳିପାରିନାହିଁ । ଯଦି କୌଣସି ଲୋକ ତାଙ୍କୁ ଜାଣିଥିବେ ତୁରନ୍ତ ବସ୍ତା ଥାନା ରେ ଯୋଗାଯୋଗ କରିବା କୁ ନିବେଦନ କରାଯାଇଛି ।

ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ

ବାଲିଆପାଳ,୨୫/୦୯ (ନି.ପ୍ର): ବାଲିଆପାଳ ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡା,ବରିଷ୍ଠ ଅଧ୍ୟାପକ ବରେନ୍ଦ୍ର ବେହେରା,ରାଜେନ୍ଦ୍ର ବାରିକ,ଅଧ୍ୟାପିକା ପୁଷ୍ପାଞ୍ଜଳି ଆଚାର୍ଯ୍ୟ ,ଉତମ ମାହାନା ପ୍ରମୁଖ ଯୋଗ ଦେଇ ପ୍ରତିଷ୍ଠା ଉତ୍ସବର ଲକ୍ଷ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ । ସ୍ୱେଚ୍ଛାସେବୀ ଛାତ୍ରୀ କାତ୍ୟାୟନୀ ପ୍ରଧାନ,ସିନ୍ଧୁ ମଲ୍ଲିକ,ସୁଷମା ଦାସ,ମଧୁସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଜାତୀୟ ସେବା ଯୋଜନାର ମହତ୍ୱ ସଂପର୍କରେ କହିଥିଲେ । ଖେଳ ଶିକ୍ଷୟିତ୍ରୀ ଅପର୍ଣ୍ଣା ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ । କଲେଜର ସୁଶାନ୍ତ ମହାପାତ୍ର, ସନ୍ୟାସୀ ବେହେରା, ଅରୁଣ ମାଣିକ, ସୁକାନ୍ତ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କର ଜନ୍ମ ଜୟନ୍ତୀ ପାଳନ

ବସ୍ତା,୨୫/୦୯ (ନି.ପ୍ର): ବିଜେପି ବସ୍ତା ମଣ୍ଡଳ ତରଫରୁ ମଥାନୀ ସ୍ଥିତ କାର୍ଯ୍ୟାଳୟ ଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଙ୍କ ଜନ୍ମ ଜୟନ୍ତୀ ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି ଙ୍କ ଅଧକ୍ଷତା ରେ ପାଳିତ ହୋଇଛି। ଜିଲ୍ଲା ଉପ ସଭାପତି ପ୍ରଦୀପ ପଣ୍ଡା ବକ୍ତା ଭାବେ ଯୋଗ ଦେଇ ଦିନ ଦୟାଲ ଉପାଧ୍ୟାୟ ଙ୍କ ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ଦରଡ଼ା ମଣ୍ଡଳ ସଭାପତି ବସନ୍ତ ବାରିକ , ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ସୂର ?ୟ ନାରାୟଣ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ଅଭିରାମ ମଲିକ, ବସ୍ତା ମିଡ଼ିଆ ସଂଯୋଜୋଗ୍ ଇ. ଦିବାକର ରାଉତ, ବସ୍ତା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଧିରେନ୍ ସେଠୀ , ଆଡ଼ଭୋକେଟ ପରେଶ୍ ବେହେରା, ମଥାନୀ ପଞ୍ଚ୍ୟାତ୍ ସଭାପତି ଉମାକାନ୍ତ ବେଜ , କୁଡିଆ ପଞ୍ଚାୟତ ସଭାପତି ତପନ ପାତ୍ର,ହରିଜନ ମୋର୍ଚ୍ଚା ସଭାପତି ରବୀନ୍ଦ୍ର ବିଶି, ମନୋଜ ସାମଲ, ଲକ୍ଷ୍ମୀ କାନ୍ତ ଦଳାଇ, ରବୀନ୍ଦ୍ର ଦାସ , ବିଜୟ ଧଳ, ତାରାକାନ୍ତ ପାଣି ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇଥିଲେ ।

କୋବିଡ ଗାଇଡଲାଇନ ଉଲ୍ଲଂଘନ : ୧୫ ଗିରଫ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୩୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୩,୭୭,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନରେ ରକ୍ତଦାନ ଶିବିର

ବାଲେଶ୍ୱର,୨୫/୦୯ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଶେରଗଡ଼ସ୍ଥିତ ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସର୍ଭିସ ଷ୍ଟେସନ ପରିସରରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ)ର ମୁଖ୍ୟ ଆଞ୍ଚଳିକ ପରିଚାଳକ ଭାନୁଶଙ୍କର ସାହୁ ଉଦଘାଟନ କରିବା ସହିତ ବ୍ୟବସାୟ ଓ ସମାଜମଙ୍ଗଳ କାର୍ଯ୍ୟରେ ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ଏହିଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତ ଦେଇଥିଲେ। ଏଚପିସିଏଲର ବାଲେଶ୍ୱର ଏରିଆ ସେଲ୍ସ ମ୍ୟାନେଜର ରଂଜନ ଚୌରାସିଆ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନର ସାମାଜିକ ଦାୟିତ୍ୱବୋଧତାକୁ ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନର ପରିଚାଳନା ନିର୍ଦ୍ଦେଶକ ଯୁବ ଉଦ୍ୟୋଗୀ ଲକ୍ଷ୍ମୀନାରାୟଣ ମହାନ୍ତି ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କେବଳ ରକ୍ତଦାନ ଶିବିର ନୁହେଁ ବରଂ ଅନ୍ୟାନ୍ୟ ସମାଜସେବା ମୂଳକ କାର୍ଯ୍ୟରେ ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନ ତା'ର ଦାୟିତ୍ୱ ବୋଧତା ସୁଚାରୁ ରୂପେ ନିର୍ବାହ ଜାରି ରଖିଛି ବୋଲି ଶ୍ରୀ ମହାନ୍ତି କହିଥିଲେ। ଏଚପିସିଏଲର ପରିଚାଳକ ଇଂ. ଶିବ ଦତ୍ତଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନ ପରିସରରେ ବୃକ୍ଷରୋପଣ କରିଥିଲେ। ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ମହେଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ କୁମାର ପଟ୍ଟନାୟକ, ଦର୍ପନାରାୟଣ ଦାସ, ଜଗନ୍ନାଥ ପଣ୍ଡା, ଅଚ୍ୟୁତ କୁମାର ପଣ୍ଡା, ଦିବାକର ମହାନ୍ତି, ସନ୍ତୋଷ ଦାସ, ଚିନ୍ତାମଣି ନାୟକ, ଦାମୋଦର ସାମଲ ପ୍ରମୁଖଙ୍କ ସମେତ ଶ୍ରୀଜଗନ୍ନାଥ ସର୍ଭିସ ଷ୍ଟେସନର କର୍ମଚାରୀମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

ଲଗାଣ ବର୍ଷାରେ ଗଡ଼ିଗଲା ଗାର୍ଡ ୱାଲ

ନୀଳଗିରି,୨୫/୦୯ (ନି.ପ୍ର): ନୀଳଗିରି-ଶେରଗଡ଼ ରାସ୍ତାର ଆମ୍ବଡିହା ଛକ ଠାରେ ଥିବା ନୀଳଗିରି ପୂର୍ତ୍ତ ବିଭାଗର ଗାର୍ଡ ୱାଲଟି ଲଗାଣ ବର୍ଷା ଯୋଗୁଁ ଭୁଷୁଡ଼ି ପଡ଼ିଥିବାର ଦେଖିବାକୁ ମିଳିଛି । ନୀଳଗିରି ପୂର୍ତ୍ତବିଭାଗ ଦ୍ୱାରା କିଛି ମାସ ପୂର୍ବରୁନିର୍ମାଣ କରାଯାଇଥିବା ଉକ୍ତ ଗାର୍ଡ ୱାଲଟି ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଭୁଷୁଡ଼ି ପଡ଼ିଥିଲା ବେଳେ ଗ୍ରାମବାସୀମାନେ ଯାତାୟତରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ପୂର୍ତ୍ତବିଭାଗର ଏଇଭଳି ନିମ୍ନ ମାନର କାର୍ଯ୍ୟ ଯୋଗୁଁ ୧୯ ନମ୍ବର ରାଜ୍ୟ ରାଜପଥରେ ଅନେକ ରାସ୍ତା ଖାଲଡ଼ିପ ସୃଷ୍ଟିହୋଇଥିବା ବେଳେ ନୀଳଗିରି ପୂର୍ତ୍ତବିଭାଗ କାର୍ଯ୍ୟାଳୟର ଅନତିଦୂର ଫାୟାରଷ୍ଟେସନ ଛକ, ସଜନାଗଡ଼ ଛକ, ରାସ୍ତାର ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ସ୍ଥାନୀୟ ଅଧିକାରୀଙ୍କ ନଜର ନ ଥିବାର ଜଣାପଡ଼ିଛି । ଉକ୍ତ ରାସ୍ତାଗୁଡ଼ିକ ଯଦି ଖୁବଶୀଘ୍ର ମରାମତି କରା ନ ଯାଏ ତେବେ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବ ବୋଲି ଶୁଣିବାକୁ ମିଳୁଛି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀହେଉଛି ।

ସାମ୍ବାଦିକ ଅରିନ୍ଦମଙ୍କ ବିୟୋଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଜଣେ ଦକ୍ଷ ଯୁବ ସାମ୍ବାଦିକଙ୍କୁ ହରାଇଲା ଓଡିଶା, ଉପଯୁକ୍ତ କ୍ଷତିପୁରଣ ପ୍ରଦାନ ଦାବି

ବାରିପଦା,୨୫/୦୯ (ନି.ପ୍ର): ଜଣେ ଦକ୍ଷ ଯୁବ ସାମ୍ବାଦିକ ଥିଲେ ଅରିନ୍ଦମ ଦାସ । କଟକ ମୁଣ୍ଡୁଳି ବ୍ୟାରେଜ ନିକଟରେ ହାତୀ ଉଦ୍ଧାର ଅପରେସନ ସମୟରେ ବୋର୍ଟ ଦୂର୍ଘଟଣାରେ ଗତ ସେପ୍ଟେମ୍ବର୨୪ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିବାରୁ ସାରା ଓଡିଶାର ସାମ୍ବାଦିକ ସମାଜ ବେଶ ମର୍ମାହତ । ତାଙ୍କର ଅକାଳ ବିୟୋଗରେ ଓଡିଶା ଜଣେ ଦକ୍ଷ ଯୁବ ସାମ୍ବାଦିକଙ୍କୁ ହରାଇଲା ବୋଲି ଆଜି ବାରିପଦା ଜଗନ୍ନାଥ ମନ୍ଦିର ପରିସରରେ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି । ଏହି ଅବସରରେ ଅରିନ୍ଦମଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯିବା ସହିତ ସଂଘର ସଦଶ୍ୟ ମାନେ ମହମବତୀ ଜଳାଇ ଅରିନ୍ଦମଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଆଜିର ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶୃଙ୍ଖଳା କମିଟି ସଦଶ୍ୟ ରଞ୍ଜନ କୁମାର ଦାସ, ସୁକାନ୍ତ ଜୀଉ, କବି ବିଷ୍ଣୁ ଶତପଥି, ସାଧାରଣ ସମ୍ପାଦକ ଦୀପକ କୁମାର ନାୟକ, ସଂଗଠନ ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦୋଳଗୋବିନ୍ଦ ବାରିକ, କୋଷାଦ୍ୟକ୍ଷ ଅକ୍ଷୟ କୁମାର ଅଗ୍ରୱାଲା, ମିଡିଆ କୋଡିନେଟର ରାଜଗୁପ୍ତା, ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ସଦସ୍ୟ ପ୍ରିୟବ୍ରତ ମିଶ୍ର, ସନ୍ତୋଷ କୁମାର ବରଜ, ଦେବବ୍ରତ ଦାସ, ସୁବ୍ରତ କୁମାର ପ୍ରଦାନ, ରବିନ୍ଦ୍ର କୁମାର ନାୟକ, ଦିଲ୍ଲିପ କୁମାର ରାଉତ, ଶ୍ରୀକାନ୍ତ ରାଉତ, ଦିନେଶ ସେଠୀ, ଲଲିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ଦୀପକ କୁମାର ମୁଦୁଲି, ନୁରୁଲ ଇସଲାମ, ଦିଲ୍ଲିପ କୁମାର ଚୌଧୁରୀ, ଅସୀତ କୁମାର ଗିରି, ଚୁନୁବାବୁ, ରଜତ ବାବୁ ପ୍ରମୁଖ ବହୁ ସାମ୍ବାଦିକ ତଥା ସଂଘର ସଦସ୍ୟ ଯୋଗଦେଇ ଅରିନ୍ଦମଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟରତ ସମୟରେ ମୃତ୍ୟୁ ବରଣ କରିଥିବା ସାମ୍ବାଦିକଙ୍କୁ ସରକାର ତଥା ସଂପୃକ୍ତ ଗଣ ମାଧ୍ୟମ ସଂସ୍ଥା ପକ୍ଷରୁ ଉପଯୁକ୍ତ କ୍ଷତିପୁରଣ ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବୀ କରାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଡିଆରଡିଓ ତଥ୍ୟ ଲିକ୍ ମାମଲା....

ସଂପର୍କରେ ସୂଚନା ଦେବା ବେଳେ ଟଙ୍କା କାରବାର କରିଥିବା ସନ୍ଦେହ କରାଯାଉଛି । ତେଣୁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ମିଳିବା ପରେ କ୍ରାଇମବ୍ରାଞ୍ଚ ପୁଣିଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିପାରେ । ୫ ଅଭିଯୁକ୍ତଙ୍କ ୭ ଦିନିଆ ରିମାଣ୍ଡ ଅବଧି ଗତକାଲି ଶେଷ ହୋଇଯାଇଛି । ରିମାଣ୍ଡ ସମୟ ଶେଷ ପରେ କ୍ରାଇମବ୍ରାଞ୍ଚ ବାଲେଶ୍ୱର କୋର୍ଟରେ ଏମାନଙ୍କୁ ହାଜର କରାଇଥିଲା । ଏହାପରେ ଅଭିଯୁକ୍ତମାନଙ୍କୁ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଛି । ପ୍ରାଥମିକ ତଦନ୍ତରୁ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟରେ ଅଳ୍ପ ଟଙ୍କା କାରବାର ହେବା ଓ ସେ ଯୁବତୀଙ୍କ ସହ ଚାଟ ବେଳେ କ୍ଷେପଣାସ୍ତ୍ର ସମ୍ପର୍କିତ ତଥ୍ୟ ଦେଇଥିବା କଥା ସାମ୍ନାକୁ ଆସିଥିଲା । ତେବେ ତଦନ୍ତ ଜାରି ରହିଛି ଓ ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ପୁଣି ରିମାଣ୍ଡରେ ନିଆଯାଇପାରେ ବୋଲି କ୍ରାଇମବ୍ରାଂଚ ଅଧିକାରୀ ସୂଚନା ଦେଇଛନ୍ତି ।

ପିପିଲିରେ କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ....

ଫୋନି ମହାବାତ୍ୟା ହୋଇଥିଲା । ପ୍ରଧାନମନ୍ତ୍ରୀ ନିଜେ ଏହି ଅଂଚଳକୁ ବୁଲି ଦେଖିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆ ଘର ପାଇଁ ଅର୍ଥ, ଘରଭଙ୍ଗା ପାଇଁ ଆର୍ଥିକ ସହାୟତା, ରାସ୍ତା ମରାମତି ତଥା ଅଂଚଳର ଅନ୍ୟାନ୍ୟ ବିକାଶ ପାଇଁ ସାହାଯ୍ୟ ପଠାଇଥିଲେ । ମାତ୍ର ଦଳୀୟ ପଶାପାଲିରେ ପେଶି ହୋଇ ଶାସକ ଦଳ ନିଜ କର୍ମୀ ଓ ସମର୍ଥକ ମାନଙ୍କୁ ମଧ୍ୟସ୍ଥି ଜରିଆରେ କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ସବୁ ଘର ଦେବାକୁ ଷଡ

ବାଲେଶ୍ୱର ରବିବାର, ୨୬ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

ପୁରୀ,୨୫/୦୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟାର ମୁକାବିଲା ଲାଗି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲାରେ ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ହୋଇ ରହିଛି । ପ୍ରତି ବ୍ଲକରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକରିବା ସହିତ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ବିଭାଗୀୟ ଅଧିକରୀମାନଙ୍କୁ ନେଇ ଭର୍ଚୁଆଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁଖିଲା ଖାଦ୍ୟ,ପାନୀୟ ଜଳ,ଔଷଧ ଓ ପଶୁଖାଦ୍ୟ ପର୍ଯ୍ୟପ୍ତ ପରିମାଣର ମହଜୁଦ୍ ରଖାଯାଇଛି । ଆବଶ୍ୟକସ୍ଥଳେ ନିରବଚ୍ଛିନ୍ନ ଯୋଗାଯୋଗ ନିମନ୍ତେ ଅଗ୍ନିଶମ,ବିଦ୍ୟୁତ୍, ଗ୍ରାମ୍ୟଉନ୍ନୟନ,ପୂର୍ତ୍ତ ବିଭାଗ ଓ ଡ଼ାକ୍ତରୀଦଳ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଜରୁରୀକାଳୀନ ସେବା ଯେପରି ଅବ୍ୟାହତ ରହିବ ସେଥିଲାଗି ସଜାଗ ରହିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳ ଓ କଚ୍ଚା ଘରୁ ଲୋକମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତରିତ କରିବା ଲାଗି ପ୍ରସ୍ତୁତ ରହିବା ସହିତ କ୍ଷୟକ୍ଷତିର ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଆସନ୍ତାକାଲି ଅପରାହ୍ନରେ ଜିଲ୍ଲାରେ ଘଣ୍ଟା ପ୍ରତି ୫୫ରୁ ୬୦ କିମିବେଗରେ ପବନ ବହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାଲାଗି ପରାମର୍ଶ ଦିଆଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମର ସାହୁ,ଜରୁରୀ କାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର,ଜିଲ୍ଲାମୁଖ୍ୟ ଚିକିତ୍ସାଧିକରୀ ଡ଼ାକ୍ତର ସୁଜାତା ମିଶ୍ର,ଯୋଗାଣ ଅଧିକାରୀ ସୁବୋଧ ହୋତା, ତହସିଲଦାର,ବିଡ଼ିଓ ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତଥିଲେ ।

ଶ୍ରୀଜିଉଙ୍କ ଦର୍ଶନକଲେ ପ୍ରଧାନ ବିଚାରପତି ରମଣା

ପୁରୀ,୨୫/୦୯ (ନି.ପ୍ର): ଓଡ଼ିଶା ଗ୍ରସ୍ତରେ ଆସିଥିବା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍ ଭି ରମଣା ଆଜି ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନ ରୂଢ ଶ୍ରୀଜିଉମାନଙ୍କ ଦର୍ଶନ କରିଛନ୍ତି । ମୁଖ୍ୟବିଚାରପତି ଜଷ୍ଟିସ୍ ରମଣା ଆଜି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ୫ଟି ସଚିବ ଭିକେ ପାଣ୍ଡିଆନ୍,ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷ୍ଣ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନୱାର ବିଶାଳ ସିଂ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ପାରମ୍ପରିକ ପୋଷାକ ପରିହିତ ଜଷ୍ଟିସ୍ ରମଣା ବାଇସିପାହାଚଦେଇ ଶ୍ରୀମନ୍ଦିରକୁ ଯାଇ ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ପ୍ରଧାନ ବିଚାରପତି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ପରେ ମା' ବିମଳା,ମାତା ଲକ୍ଷ୍ମୀ ଓ ଅନ୍ୟପାର୍ଶ୍ୱ ଦେବାଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ । ଶ୍ରୀମନ୍ଦିରରେ ପ୍ରଧାନ ବିଚାରପତି ଦେବାଦେବୀଙ୍କ ଦର୍ଶନ ସମୟରେ କୌଳିକ ପଣ୍ଡା ରଜତ ପ୍ରତିହାରୀ, ହାଇକୋର୍ଟର ମୁଖ୍ୟବିଚାରପତି ଏ ମୂରଲିଧର,ପୁରୀଜିଲ୍ଲା ଜଜ୍ ଓ ଏଏସ୍‌ଆଇ ଅଧିକ୍ଷକ ପ୍ରମୁଖ ଉପସ୍ଥିତଥିଲେ । ପ୍ରଧାନବିଚାରପତି ଶ୍ରୀମନ୍ଦିରରେ ପ୍ରାୟ ୪୫ ମିନିଟ୍ ସମୟ ଅତିବାହିତ କରିଥିଲେ । ଶ୍ରୀମନ୍ଦିରର ବିଭିନ୍ନ ଦ୍ୱାରର ରୂପା ଛାଉଣି କାର୍ଯ୍ୟ ଦେଖି ପ୍ରଧାନ ବିଚାରପତି ଖୁସି ବ୍ୟକ୍ତ କରିଥିଲେ । ଗତକାଲି ରାତିରେ ଶ୍ରୀମନ୍ଦିର ବନ୍ଦ ଥିଲେ ମଧ୍ୟ ପ୍ରଧାନ ବିଚାରପତି ଶ୍ରୀମନ୍ଦିରର ଐତିହ୍ୟ କରିଡ଼ର କାର୍ଯ୍ୟ ବୁଲିଦେଖିଥିଲେ । ପ୍ରସ୍ତାବିତ କରିଡ଼ର କାର୍ଯ୍ୟ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ପ୍ରଧାନ ବିଚାରପତିଙ୍କୁ ଅବଗତ କରାଇଥିଲେ ।

କିନ୍ନରଙ୍କ ସ୍ୱାବଲମ୍ବନ ଲାଗି ବ୍ଲକ ସ୍ତରୀୟ କର୍ମଶାଳା

ଜଳେଶ୍ୱର,୨୫/୦୯ (ନି.ପ୍ର):: ବାଲେଶ୍ୱର ଜିଲାର ଜଳେଶ୍ୱର ସହରାଞ୍ଚଳରେ ବହୁ କିନ୍ନର ବସବାସ କରୁଥିବା ବେଳେ ସେମାନଙ୍କୁ ସ୍ୱାବଲମ୍ବନ କରିବାଲାଗି ବ୍ଲକ ସ୍ତରୀୟ ଏକ କର୍ମଶାଳା ଆଜି ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଡିଏସ୍‌ଓ ରାଜୁଓ୍ୱାନା କବକବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୂଚନା ପ୍ରଦାନ କରିଥିଲେ । କିନ୍ନର ମାନେ ବିଭିନ୍ନ ସ୍ଥାନ ବୁଲି ନିଜର ନିଜର ପେଟପାଟଣାଲାଗି ହାତ ପତାଉଥିବା ବେଳେ ସରକାର ଏପରି କାର୍ଯ୍ୟରୁ ନିବୃତ ରହିବାଲାଗି ମିଶନ ଶକ୍ତି ଜରିଆରେ ଯୋଜନା ପ୍ରଣୟନ କରିଛନ୍ତି । ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରି ରୋଜଗାରକ୍ଷମ ହେବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ । ଆଜି ଏ ସମ୍ପର୍କରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଦିପ୍ତିରଂଜନ ସେଠୀ, ପୌର ଅଧିକାରୀ ଅଜୟ ମହାପାତ୍ର, ବିଏସ୍‌ଏସ୍‌ଓ ତିଳୋତ୍ତମା ପଣ୍ଡା ଯୋଗ ଦେଇ କିନ୍ନର ମାନଙ୍କୁ ଟେଲରିଂ, ଡ୍ରାଇଭିଂ ଓ ପୌରପାଳିକାରେ ବିଭିନ୍ନ କାର୍ଯ୍ୟରେ ନିୟୋଜନ କରିବା ସଂପର୍କରେ ବିଭିନ୍ନ ସୂଚନା ଓ ଉଦାହରଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିନ୍ନର ଜିଲାସଂଘ ସଭାପତି ରାଣି ହୋସେନ୍, ସୁନି ସିଲା, ପୂଜା କିନ୍ନର, ଆରଡିଏସ୍‌ଏସିର ସଂପାଦକ ବିଜୟ କୁମାର ବେହେରା ଯୋଗ ଦେଇ କିନ୍ନର ମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଦୀର୍ଘବର୍ଷରୁ କିନ୍ନର ମାନେ ଆଧାର, ରେସନ୍ ଓ ଭୋଟ ପରିଚୟପତ୍ର ପାଇବାରୁ ବଂଚିତ ହେଉଥିବାରୁ ଏହାର ସମାଧାନ ଲାଗି କାର୍ଯ୍ୟକ୍ରମ ହାତକୁ ନିଅଯିବାକୁ ଦାବି କରାଯାଇଥିଲା । ସ୍ୱୟଂ ସହାୟିକ ଗୋଷ୍ଠିମାଧ୍ୟମରେ ଋଣ ପାଇପାରିବା ସହିତ ସେମାନଙ୍କୁ ଜମିପଟା ଓ ଆବାସ ଯୋଜନାରେ ଗୃହ ଯୋଗାଇବା ଲାଗି ଦାବି କରାଯାଇଛି ।

ଅଘ୍ୟାସ୍ମିତି ଦାସ ଡ୍ୟାନ୍ସ ଏବଂ ଚିତ୍ରାଙ୍କନରେ ରାଜ୍ୟସ୍ତରୀୟ ବିଜୟୀ

ବାଲେଶ୍ୱର,୨୫/୦୯ (ନି.ପ୍ର): ଶରତ ଆକାଶଦୀପଙ୍କର ଝିଅ ଅର୍ଘ୍ୟାସ୍ମିତି ଦାସ(୧୩) କେନ୍ଦ୍ରିୟ ବିଦ୍ୟାଳୟ ନଂ-୧ ବାଲେଶ୍ୱରର ଛାତ୍ର ଅଟନ୍ତି । ସେ ଅନ୍‌ଲାଇନ୍ ମାଧ୍ୟମରେ ନେସନାଲ ଏଜୁକେସନ ଏବଂ ହ୍ୟୁମାନ ରିସୋର୍ସ ଡେଭଲପମେଣ୍ଟ ଅର୍ଗାନାଇଜେସନ (ମୁମ୍ବାଇ)ଦ୍ୱାରା ଅଲ ଇଣ୍ଡିଆ "ଆତ୍ମନିର୍ଭର ଭାରତ" ଆର୍ଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ରାଜ୍ୟ ସ୍ତରୀୟ ବିଜୟ ହୋଇଛନ୍ତି । ୨୦୨୦ରେ ଚନ୍ଦ୍ରଭାଗା ଉତ୍ସବ ଏବଂ ରାଓ୍ୱା ଦ୍ୱାରା ମଡେଲିଂ ଏବଂ ଡାନ୍ସରେ ପ୍ରଥମ ଓ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି । ସ୍କୁଲରେ ମଧ୍ୟ ଅନେକଥର ଡ୍ୟାନ୍ସ ଓ ଅନ୍ୟ ପ୍ରତିଯୋଗିତାରେ ଭାଗନେଇ ଅନେକଥର ପୁରସ୍କୃତ ହୋଇଛନ୍ତି । ସେ ଆଗକୁ ଜଣେ ଦକ୍ଷ ନୃତ୍ୟଶିଳ୍ପୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।

ରୂପସା ଅଞ୍ଚଳରେ ହାତୀ ଉପଦ୍ରବ : ଭାଙ୍ଗିଲା ଘରଦ୍ୱାର, ଦଳିଲା ଧାନ ଫସଲ

ବସ୍ତା,୨୫/୦୯ (ନି.ପ୍ର): ଅନ୍ତର୍ଗତ ଗଡପଦାପଞ୍ଚାୟତର ଲଛମନଖୁଣ୍ଟା, ଜହତକ୍ଷ, ହୀରାପୁର, ନାଗାକୁଣି, ବୁଧଖଣ୍ଡି ଗ୍ରାମ ରେ ରେ ଗୋଟିଏ ଦନ୍ତା ହାତୀ ବହୁ ଘର ଭାଙ୍ଗିଦେବା ସହିତ ଧାନ ଚାଉଳ ଓ ଆସବାପତ୍ର ଦଳି ମକଚି ନଷ୍ଟ କରିଦେଇଛି । ଶୁକ୍ରବାର ରାତ୍ରୀରେ ମୟୂରଭଞ୍ଜ ଜିଲ୍ଲା ରୁ ଗୋଟିଏ ଦନ୍ତାହାତୀ ପଶିଆସିଥିଲା । ହୀରାପୁରଗ୍ରାମର ଛୁଟାମାଝୀ ଓ ନାଗାକୁଣୀ ଗ୍ରାମର ସିମାଲ ଟୁଡୁ ଘର ସମ୍ପୂର୍ଣ୍ଣ ଭାଙ୍ଗିଦେଇଛି । ଲଛମନଖୁଣ୍ଟା ର ପଇଁତିରି ସିଂ, କୁନି ସିଂ ଗୋବିନ୍ଦ ସିଂ, ଆଦିକନ୍ଦ ସିଂ, ରାମ ସିଂ, ଜହତାର ଅକ୍ଷୟ ପଲେଇ, ବୁଧଖଣ୍ଡି ର ବାବୁ ମଲିକ ପ୍ରମୁଖଙ୍କ ଘର ର ଆଜ ବେଷ୍ଟର, କାନ୍ଦୁ ଆଦି ଭାଙ୍ଗିରୋଜି ନଷ୍ଟ କରିଛି । ଉକ୍ତ ଗ୍ରାମର ଲୋକ ମାନେ ଜିବନ ବିକଳରେ ନିରାପଦ ସ୍ଥାନକୁ ଆଶ୍ରୟପାଇଁ ପଳାଇଯାଇଥିବା ଦେଖିବାକୁ ମିଳିଛି । ହାତୀ କୁ ଘଉଡାଇବାପାଇଁ ଗ୍ରାମର କିଛି ଯୁବକ ଓ ବନବିଭାଗ ଅଧିକାରୀ, ଫରେଷ୍ଟ ଗାର୍ଡ ଓ କର୍ମଚାରୀ ମାନେ ବାଣ ଫୁଟାଇ ଘଉଡାଇବା ପାଇଁ ଚେଷ୍ଟା କରୁଥିବାବେଳେ ମୟୁରଭଞ୍ଜର ଭଗବାନପୁର ଅଞ୍ଚଳକୁ ହାତୀ ପଳାଇଯାଇଛି । ବୁଧଖଣ୍ଡି ଠାରେ ରେଳ ଧାରଣା ପାରିହୋଇ ହାତୀ ଟି ଯା ଆସ କରିବାରୁ ଦେଢ଼ ଘଣ୍ଟା ଟ୍ରେନ ଚଳାଚଳ ବନ୍ଦ ରହିଥିଲା । ବିଜୁଳିକାଟ ମଧ୍ୟ ହୋଇଥିଲା । ଉକ୍ତ କ୍ଷୟ କ୍ଷତି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବିକରିଛନ୍ତି ।

ଭାଗବତ ଜନ୍ମ ମହୋତ୍ସବ ପାଳିତ

ଜଳେଶ୍ୱର,୨୫/୦୯ (ନି.ପ୍ର): ଆରୁହା ପଂଚାୟତର ଚକର୍ଜୁନୀ ଗ୍ରାମରେ ଶ୍ରୀମଦ୍ ଭାଗବତ ଜନ୍ମ ମହୋତ୍ସବ ପାଳିତ ହୋଇ ଯାଇଛି । ୧୯୬୬ ମସିହାରୁ ଉକ୍ତ ଭାଗବତ ଟୁଙ୍ଗିରେ ପ୍ରତିବର୍ଷ ଜନ୍ମାଷ୍ଟମୀ, ରାଜପୂର୍ଣ୍ଣିମା, ପଂଚୁକବ୍ରତ, ହରିହାଟ, ନାମଯଜ୍ଞ, କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇ ଆସୁଛି । ଗ୍ରାମବାସୀମାନେ ନଗର ପରିକ୍ରମ କରିବା ସହିତ ସଂଧ୍ୟାରେ କାର୍ତ୍ତିକେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଭାଗବତ ମହାପୁରାଣର ମହତ୍ୱ ସଂପର୍କରେ ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ ନାଟ୍ୟକାର ପଦ୍ମଲାଭ ପ୍ରଧାନ ବକ୍ତବ୍ୟ ରଖିଥିଲେ । ସୁପରିଚାଳନା ଲେଲିନ୍ କୁମାର ପ୍ରଧାଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କରାଯାଇଛି । ଉପସଭାପତି ଲକ୍ଷ୍ମୀଧର ଦେ, ସଂପାଦକ ଜଗନ୍ନାଥ ଚନ୍ଦ, ଉପ ସଂପାଦକ ମଂଜୁବାଲା ଭଂଜ , ଯୁଗ୍ମ କୋଷାଧ୍ୟକ୍ଷ ମଧୁସୂଦନ ପ୍ରଧାନ ଓ ଶରତଚନ୍ଦ୍ର ଦାସ ଓ ସଂଯୋଜକଭାବେ ଜଗନ୍ନାଥ ପାତ୍ର ମନୋନୀତ ହୋଇଛନ୍ତି ।

ବିଜେପି ସଦର ଶାଖା ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ

ବାଲେଶ୍ୱର,୨୫/୦୯ (ନି.ପ୍ର): ବିଜେପି ସଦର ଶାଖା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୫ତମ ଜୟନ୍ତୀ ଦଳୀୟ କାର୍ଯ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି । ଦୀନଦୟାଲ ଉପାଧ୍ୟାୟଙ୍କ ତୈଳ ଚିତ୍ରରେ ପୁଷ୍ପ ଅର୍ପଣ କରିବା ସହ ସାମୂହିକ ବନ୍ଦେ ମାତରଂ ଗାନ କରାଯାଇଥିଲା । ଏଥି ସହିତ ଓଟିଭିର ଦିବଂଗତ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଦୀନଦୟାଲଙ୍କ ଜୀବନୀ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ରବି ନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସଂଯୋଜକ ସତ୍ୟଜିତ ମିଶ୍ର, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ବୈଲୋଚନ ଦାଶ, ଅରବିନ୍ଦ ବାରିକ, ଲକ୍ଷ୍ମୀ ନାରାୟଣ ବେହେରା, ଦୁକୁଲ ଘଡ଼େଇ, ଆଶିଷ ଘୋଷ, ଲୋକନାଥ ଭୂୟାଁ ପ୍ରମୁଖ ଯୋଗଦେଇ ଭାରତୀୟ ଜନସଙ୍ଘର ପ୍ରଖର ରାଷ୍ଟ୍ରବାଦୀ ନେତା, ଏକାତ୍ମ ମାନବବାଦର ପ୍ରଣେତା ତଥା ମହାନ ଜନନାୟକ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଅରୂପ ଜେନା, ବିକାଶ ପାଢ଼ୀ, ଅନନ୍ତ ନାୟକ, ସସ୍ମିତା ଦାଶ, ବିବେକାନନ୍ଦ ରାଉତ, ବସନ୍ତ ନାୟକ, କାର୍ତ୍ତିକ ରାଉତ, ମନ୍ମୟ ଦାସ ପ୍ରମୁଖ କାର୍ଯ୍ୟକର୍ତ୍ତା ଏଥିରେ ଉପସ୍ଥିତ ଥିଲେ ।

ଦୀନଦୟାଲ ଜୟନ୍ତୀରେ ନଗର ବିଜେପିର ବିଶେଷ ଆଲୋଚନାଚକ୍ର

ବାଲେଶ୍ୱର,୨୫/୦୯ (ନି.ପ୍ର): ମହାନ ଜନନାୟକ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ବିଜେପି ନଗର ମଣ୍ଡଳ ପକ୍ଷରୁ ଏକ ଆଲୋଚନାଚକ୍ର ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ନଗର ମଣ୍ଡଳ ସଭାପତି ଚଉରଞ୍ଜନ ପଣ୍ଡା ଏହି ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସମାଜସେବା, ସାଂଗଠନିକ କୁଶଳତା, ଦେଶପ୍ରେମ, ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ବାଲ୍ୟ ଜୀବନ ଅତିବାହିତ ହୋଇଥିଲେ ବି ଏହା ଦୀନଦୟାଲଙ୍କ ପ୍ରତିଭା ବିକାଶରେ କୌଣସି ପ୍ରଭାବ ପଡ଼ି ନଥିଲା । ସେଣ୍ଟ୍ରାଲ ପ୍ରୋଭିନ୍ସ ସିଭିଲ ସର୍ଭିସ ପରୀକ୍ଷା ଦେଇ ସମଗ୍ର ପ୍ରଦେଶରେ ପ୍ରଥମସ୍ଥାନ ଲାଭ କରିବା ମଧ୍ୟ ସରକାରୀ ଚାକିରୀକୁ ପ୍ରତ୍ୟାଖ୍ୟାନ ସହ ସମାଜ ଗଠନ କାମରେ ମନୋନିବେଶ କରିଥିଲେ । ଦୀନଦୟାଲ ଜୀଙ୍କ ଆଦର୍ଶ ଓ ମାର୍ଗଦର୍ଶନରେ ଅଧୁନା ବିଜେପି କେବଳ ଭାରତର ଏକକ ବୃହତମ ଦଳ ନୁହେଁ ବରଂ ବିଶ୍ୱର ଏକ ନମ୍ବର ରାଜନୈତିକ ଦଳର ମାନ୍ୟତା ପାଇଛି ବୋଲି ଶ୍ରୀ ଷଡ଼ଙ୍ଗୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ତାଙ୍କ ରଚିତ ଏକାତ୍ମ ମାନବବାଦ ଓ ଅନ୍ତର୍ଦୋୟର ବାର୍ତ୍ତାର ଉପାଦେୟତା ସଦା ଗ୍ରହଣନୀୟ ବୋଲି ସେ ମତ ପ୍ରକାଶ କରିଥିଲେ । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଦର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ତଥା ଜିଲ୍ଲା ଉପ-ସଭାପତି କରୁଣାକର ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପିତାମ୍ବର ସ୍ୱାଇଁଙ୍କ ପରଲୋକ

ପାରାଦୀପ,୨୫/୦୯ (ନି.ପ୍ର): ଜିଲ୍ଲାର ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପିତାମ୍ବରସ୍ୱାଇଁଙ୍କ ର ଆଜି ସକାଳେ ପରଲୋକ ହୋଇଯାଇଛି ।ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା ।ତାଙ୍କରଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ରେ ସମ୍ପନ୍ନ ହୋଇଛି ।ସେ ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ବିଭିନ୍ନ ବ୍ୟକ୍ତି ବିଶେଷ ଦୁଖ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ସି.ପି.ଆଇ.ଏମ.ର ଆଞ୍ଚଳିକ ସମ୍ମିଳନୀ

ନୀଳଗିରି,୨୫/୦୯ (ନି.ପ୍ର): ସି.ପି.ଆଇ.ଏମ. ନୀଳଗିରି ଆଞ୍ଚଳିକ ସମ୍ମିଳନୀ ନୀଳଗିରି ସି.ପି.ଆଇ.ଏମ. କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସାଥୀ ଦିବାକର ବାରିକଙ୍କ ସଭାପତିତ୍ୱରେ ସମ୍ମିଳନୀ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ପ୍ରଥମେ ପାର୍ଟିର ଲାଲ ପତାକାକୁ ରାଜ୍ୟ ସଂପାଦକ ମଣ୍ଡଳୀର ସଭ୍ୟ ନିର୍ମଳ ନାୟକ ଉତ୍ତୋଳନ କରିଥିଲେ । ତାପରେ ସମ୍ମିଳନୀରେ ଶୋକପ୍ରସ୍ତାବ ଅଣାଗଲା । କମିଟିର ସଂପାଦକ ଜ୍ୟୋତିର୍ମୟୀ ରାଉତ ରିପୋର୍ଟ ଉପସ୍ଥାପନ କରିଥିଲେ । ପରେ ଜିଲ୍ଲା ସଂପାଦକ ମଣ୍ଡଳୀର ସଭ୍ୟ ବିଜୟ ପାତ୍ର ଆସନ୍ତା ୨୭ତାରିଖ ବନ୍ଦ ସହିତ ପାର୍ଟିର ଜିଲ୍ଲା ସମ୍ମିଳନୀ ଆସନ୍ତା ୪/୫ ଅକ୍ଟୋବର ନୀଳଗିରିରେ ସୁଷ୍ଠୁରୂପେ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ । ଜ୍ୟୋତିର୍ମୟୀ ରାଉତ ଆଗାମୀ ୩ ବର୍ଷ ପାଇଁ ସଂପାଦକ ନିର୍ବାଚିତ ହେଲେ । ଏହା ସହ ୯ଜଣିଆ ଆଞ୍ଚଳିକ କମିଟି ଗଠନ କରାଗଲା ।

ସାମ୍ବାଦିକ ଅରିନ୍ଦମ ଦାସଙ୍କ ବିୟୋଗରେ ବାଲେଶ୍ୱରରେ ଶୋକସଭା

ବାଲେଶ୍ୱର,୨୫/୦୯ (ନି.ପ୍ର): ସମ୍ବାଦ ସଂଗ୍ରହ ବେଳେ ମହାନଦୀର ମୁଣ୍ଡଳି ବ୍ୟାରେଜ ଦୁର୍ଘଟଣାରେ ଓଟିଭି ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ ବାଲେଶ୍ୱରର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଏକ ଶୋକସଭା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ରଂଜନ ବାଗ ଏଥିରେ ପୌରୋହିତ୍ୟ କରିଥିଲେ । ବରିଷ୍ଠ ସାମ